ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୦ ଜୁଲାଇ, ୨୦୨୨

## ଦେଓଗାଁରେ ବନ୍ଦର ଆଂଶିକ ପ୍ରଭାବ

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁରେ କଲେଜ ଛାତ୍ରୀ ରାଗିଂଜନିତ ଆତ୍ମହତ୍ୟା ଘଟଣାରେ ଆହୂତ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ବ୍ଲକ କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ ଆନ୍ଦୋଳନକାରୀ ବିଭିନ୍ନ ସ୍କୁଲ କଲେଜ, ସରକାରୀ ଅଫିସ ବନ୍ଦ କରିଥିଲେ। ବନ୍ଦ ରେ ବହୁ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।



## ସଂକ୍ଷେପରେ

### ଲାଞ୍ଜିଗଡ଼-ଜଗନ୍ନାଥପୁର ରାସ୍ତାରେ ଗର୍ତ୍ତ

ଲାଞ୍ଜିଗଡ଼,୧୯।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଞ୍ଚଳରେ କିଛିଦିନ ଧରି ଲଗାଣ ବର୍ଷା ଯୋଗୁ ଅନେକ କ୍ଷୟକ୍ଷତି ଘଟିଛି। ଲାଞ୍ଜିଗଡ ବନ୍ଧପାରୀକୁ ସଂଯୋଗ କରୁଥିବା ରାସ୍ତା ଲେପଟାଗୁଡା ନିକଟ ଏବଂ ଲାଞ୍ଜିଗଡଠାରୁ ବନ୍ଧପାରୀ, ମୁଷାନାଳ ଆଦି ଅଞ୍ଚଳକୁ ସିଧାସଳଖ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଲାଞ୍ଜିଗଡଠାରୁ ଜଗନ୍ନାଥପୁରକୁ ସଂଯୋଗ କରୁଥିବା ମୁଖ୍ୟ ବଂଶଧାର ନଦୀ ପୋଲ ପାଖ ରାସ୍ତା କଡରେ ଏକ ବିରାଟ ଗର୍ତ୍ତ ହୋଇଛି। ଏହି ରାସ୍ତା ଦେଇ ତ୍ରୀଲୋଚନପୁର, ବିଜେପୁର ତଥା ରାୟଗଡା ଜିଲା କଲ୍ୟାସିଂପୁର ବ୍ଲକକୁ ଯୋଗାଯୋଗ ଥିବା ବେଳେ ବେଦାନ୍ତ ଷ୍ଟାଫ କଲୋନୀ, ବେଦାନ୍ତ ଡିଏଭି ଇଣ୍ଟରନ୍ୟାଶନାଲ ସ୍କୁଲକୁ ଯିବାକୁ ପଡୁଛି। ଏହି ରାସ୍ତା କଡରେ ଗର୍ତ୍ତ ସୃଷ୍ଟି ହେବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏହାର ସ୍ଥାୟୀ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିଦ୍ୟାଳୟରେ କରୋନା ସଚେତନତା

ଲୋଇସିଂହା,୧୯।୭(ଡି.ଏନ.ଏ): ଦିନକୁଦିନ ପୁଣି କରୋନା ସଂକ୍ରମଣ ହାର ବଢି ଚାଲିଛି । ଏ ନେଇ ପିଲାମାନଙ୍କୁ ସଚେତନ କରିବା ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ବାଳିକା ବିଦ୍ୟାଳୟରେ କରୋନା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ରାଜ କିଶୋର ସେଠ ସଚେତନତା ସଭାରେ ଅଧ୍ୟକ୍ଷତା କରିଥିଲେ । ଅଙ୍ଗନୱାଡି କର୍ମୀ ସେବତୀ ସୁନା, ଆଶାକର୍ମୀ ସୁଶ୍ରୀ କୁମାରୀ ନାଏକ , ପ୍ରଧାନ ଶିକ୍ଷୟିତ୍ରୀ ଲିଲିମା ରଣା, ଶିକ୍ଷକ କୈବର୍ତ୍ତ ରଣା ଛାତ୍ରୀଙ୍କୁ ସତର୍କତା ଅବଲମ୍ବନ କରିବା ସହ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ମାସ୍କ ପରିଧାନ, ସାଇନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ନାରାୟଣ ବାରିକ, ପ୍ରକାଶ ବାରିକ, ସୋହନ ସେଠ ସଚେତନତା ଶିବିର ଆୟୋଜନ କରିଥିଲେ ।

### ଜିଲା ଦଳିତ ବିକାଶ ମଞ୍ଚର ବୈଠକ

ବଲାଙ୍ଗୀର ଅଫିସ,୧୯।୭: ବଲାଙ୍ଗୀର ଡୁଙ୍ଗୁରିପଡାଠାରେ ନଟରାଜ ନାଗଙ୍କ ପୌରୋହିତ୍ୟରେ ଜିଲା ଦଳିତ ବିକାଶ ମଞ୍ଚର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଅନୁଷ୍ଠାନ ଦଳିତ ସମାଜର ବିକାଶ ସାଧନ ନିମନ୍ତେ କାମ କରି ଆସୁଥିଲେ ମଧ ପଞ୍ଜିକୃତ ହୋଇ ନ ଥିଲା। ଗତ ଜୁନ ୩୦ରେ ଉକ୍ତ ଅନୁଷ୍ଠାନ ପଞ୍ଜିକୃତ ହୋଇଥିବାରୁ ସଭାପତି ନଟରାଜ ନାଗ ଓ ବରିଷ୍ଠ ସଭ୍ୟ ଭୁବନ ନାଗଙ୍କୁ ସଭାରେ ଧନ୍ୟବାଦ ଦିଆଯାଇଥିଲା। ଆସନ୍ତା ୨୪ ତାରିଖରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ମନୋନୟନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବରିଷ୍ଠ ସଭ୍ୟ ହାଡୁ ବାରିକଙ୍କ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ ୨୦ହଜାର ଟଙ୍କା ଆର୍ଥିକ ସାହାଯ୍ୟ କରାଯାଇଥିବାରୁ ସଭାରେ ଆନନ୍ଦ ପ୍ରକାଶ ପାଇଥିଲା । ବୈଠକରେ ଘନଶ୍ୟାମ ମହାନନ୍ଦ, ବିପିନ ନନ୍ଦ, ମୁରଲୀଧର ସୁନା, ଦଣ୍ଡୁଆ କୁମ୍ଭାର, ଜୁଗଲାଲ ଜଗଦଲା, ଲୋକନାଥ ସୁନା, ନେପାଳ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ବର୍ଷ ପରେ ସୁସ୍ଥ ହୋଇ ଫେରିଲେ

■ ୧୨ ବର୍ଷ ଶିକୁଳିରେ ବନ୍ଧା ପଡ଼ିଥିଲେ ୨ଭାଇ

■ ନୀଳାଚଳ ସେବା ପ୍ରତିଷ୍ଠାନ ପୁନରୁଦ୍ଧାର କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ

କୋକସରା,୧୯।୭(ଡି.ଏନ.ଏ.)

ଦୀର୍ଘ ୩ ବର୍ଷ ଚିକିତ୍ସା ହେବା ପରେ ୧୨ ବର୍ଷ ଧରି ମାନସିକ ରୋଗ ଯୋଗୁ ଶିକୁଳିରେ ବନ୍ଧାପଡ଼ିଥିବା ୨ ଭାଇ ସୁସ୍ଥ ହୋଇ ନୂଆ ଜୀବନ ପାଇଛନ୍ତି। ପୁରୀ ଜିଲା କଣାସ ନୀଳାଚଳ ସେବା ପ୍ରତିଷ୍ଠାନ ପୁନରୁଦ୍ଧାର କେନ୍ଦ୍ରରୁ ଉଭୟେ ସୋମବାର ଗାଁକୁ ଆସିଛନ୍ତି। ସେମାନେ ହେଲେ କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ବାରବଖରା ଗ୍ରାମର ୨ ଭାଇ ଲଳିତ ଧରୁଆ (୫୦) ଓ ଭାଇ କ୍ଷିତ ଧରୁଆ (୪୨)।

କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ବାରବଖରା ଗ୍ରାମର ବେଣୁ ଧରୁଆଙ୍କ ୨ ଭାଇ ଲଳିତ ଧରୁଆ (୫୦) ଓ ଭାଇ କ୍ଷିତ ଧରୁଆ (୪୨)। ଦୀର୍ଘ ୧୨ ବର୍ଷ ଧରି ମାନସିକ ବିକାରଗ୍ରସ୍ତ ହୋଇ ଶିକୁଳିରେ ବନ୍ଧା ପଡ଼ି ଅଭିଶପ୍ତ ଜୀବନ ବିତାଉଥିଲେ। ଖୁଣ୍ଟିଆ ପଞ୍ଚାୟତ ପୂର୍ବତନ



ସୁସ୍ଥ ହୋଇଥିବା ୨ ଭାଇ ଲଳିତ ଓ କ୍ଷିତ।

ସରପଞ୍ଚ ଧର୍ମବ୍ରତ ପଣ୍ଡାଙ୍କ ଉଦ୍ୟମରେ ୨୦୧୯ ଜୁଲାଇରେ କୋକସରା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ୨ ଭାଇଙ୍କୁ ଉଦ୍ଧାର କରି ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପାଠାଇଥିଲେ। ସେଠାରେ କିଛିଦିନ ଚିକିତ୍ସା ପରେ ଜିଲା ମାନସିକ ସ୍ୱାସ୍ଥ୍ୟ ପୋଗ୍ରାମ କର୍ମଚାରୀ ଅନାୟତ ମହମ୍ମଦଙ୍କ ତତ୍ତ୍ୱାବଧାନରେ କଟକ ବଡ଼ମେଡିକାଲ ମାନସିକ ରୋଗ ବିଭାଗରେ ଭର୍ତ୍ତି ହୋଇଥିଲେ। ୩ ମାସ ଚିକିତ୍ସା ପରେ ମହମ୍ମଦଙ୍କ ଉଦ୍ୟମରେ ପୁରୀ ଜିଲା କଣାସ ନୀଳାଚଳ ସେବା ପ୍ରତିଷ୍ଠାନ ପୁନରୁଦ୍ଧାର କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୀର୍ଘ ୨ ବର୍ଷ ୭ ମାସ ଚିକିତ୍ସା ପରେ ୨ ଭାଇ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ୨ ଭାଇ ମାନସିକ ରୋଗରୁ ମୁକ୍ତି ପାଇବା ପରେ ଗାଁକୁ ଯିବା ପାଇଁ ସେବା ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କୁ କହିଥିଲେ। ପରେ ମହମ୍ମଦଙ୍କୁ ଫୋନରେ ଖବର ଦେଇଥିଲେ ସେବା ଅନୁଷ୍ଠାନ କର୍ମକର୍ତ୍ତା। ମହମ୍ମଦଙ୍କ ସହ ଖୁଣ୍ଟିଆ ପଞ୍ଚାୟତ ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ଓ ଚୌନ ମେହେର ନୀଳାଚଳ ସେବା ପୁନରୁଦ୍ଧାର କେନ୍ଦ୍ରରୁ ସୋମବାର ୨ ଭାଇଙ୍କ ନିଜ ଗାଁ ବାରବଖରାରେ ଆଣି ପରିବାରଙ୍କ ନିକଟରେ ଛାଡିଛନ୍ତି। ନିଜ ଜନ୍ମମାଟିକୁ ଆସି ଦୁଇ ଭାଇ ଖୁସିରେ ବିଭୋର ହୋଇଛନ୍ତି। ଲଳିତଙ୍କ ସ୍ତ୍ରୀ ଓ ଦୁଇ ଝିଅ ଦୀର୍ଘ ବର୍ଷ ପରେ ବାପାଙ୍କୁ ନିକଟରେ ପାଇ କାନ୍ଦି ପକାଇଥିଲେ। ପରିବାରକୁ ନିକଟରେ ପାଇ ଲଳିତ ଓ କ୍ଷୀତ ଆତ୍ମହରା ହୋଇପଡ଼ିଥିଲେ। ଗାଁ ଲୋକ ମଧ ଦୁଇ ଭାଇଙ୍କ ସୁସ୍ଥ ସବଳ ହୋଇ ଗାଁକୁ ଫେରି ଆସିଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ସମେତ ନୀଳାଚଳ ସେବା ଅନୁଷ୍ଠାନ, ଗଣମାଧ୍ୟମକୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରାଣୀ ଚିକିତ୍ସାଳୟରେ ନଳକୂପ ସ୍ଥାପନ ଦାବି

ଖଡ଼ିଆଳ,୧୯।୭(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ପ୍ରାଣୀ ଚିକିତ୍ସାଳୟରେ ନଳକୂଅ ନ ଥିବାରୁ ଚାଷୀ ଓ କର୍ମଚାରୀ ଅସୁବିଧାରେ ପଡୁଛନ୍ତି। ଖଡ଼ିଆଳ ପଶୁ ଚିକିତ୍ସାଳୟରେ ବ୍ଲକର ୨୬ଟି ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିର ଲୋକ ନିର୍ଭର କରନ୍ତି। ଖଡ଼ିଆଳ ଗୋଟିଏ କୃଷି ପ୍ରଧାନ ବ୍ଲକ ହୋଇଥିବା ବେଳେ ଏଠାରେ ଗୃହ ପାଳିତ ପଶୁପକ୍ଷୀ ସଂଖ୍ୟା ଅଧିକ। ଖଡ଼ିଆଳ ପଶୁ ଚିକିତ୍ସାଳୟରେ ଦିନକୁ ଏକ ଶହରୁ ଅଧିକ ପଶୁ ପକ୍ଷୀଙ୍କ ଚିକିତ୍ସା କରାଯାଉଛି। ହେଲେ ଚିକିତ୍ସାଳୟରେ ନଳକୂଅ ନ ଥିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସିଛି। ପଶୁ ପକ୍ଷୀଙ୍କ ଯେ କୌଣସି କାର୍ଯ୍ୟ ହେଲେ ମଧ ପାଣି ଦରକାର ପଡୁଛି। ହେଲେ ପାଣି ପାଇଁ ଚିକିତ୍ସାଳୟ ବାହାରେ ଥିବା ନଳକୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଖଡ଼ିଆଳ ପଶୁ ଚିକିତ୍ସାଳୟରେ ନଳକୂଅ ଖୋଲି ଚାଷୀ ଓ କର୍ମଚାରୀମାନଙ୍କ ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି।



ମଙ୍ଗଳବାର ନୂଆପଡ଼ା ଜିଲା ବୋଡେନ ପାକ୍ସରେ ସାର ନେବାକୁ ଚାଷୀଙ୍କ ପ୍ରବଳ ଭିଡ଼।

# ସାର ପାଇଁ ଚାଷୀଙ୍କ ପ୍ରବଳ ଭିଡ଼

ବୋଡେନ,୧୯।୭(ଡି.ଏନ.ଏ.)

ଗତବର୍ଷ ତୁଳନାରେ ଏବର୍ଷ ପ୍ରଥମ ପର୍ଯ୍ୟାୟରେ ଭଲ ବର୍ଷା ହୋଇଛି। ଚାଷୀ ଚାଷ କାମରେ ଆଗେଇ ଚାଲିଥିବା ବେଳେ ନୂଆପଡ଼ା ଜିଲା ବୋଡେନ୍ ବ୍ଲକରେ ରାସାୟନିକ ସାର ଅଭାବ ବାଧକ ସାଜିଛି। ବୋଡେନକୁ ଆବଶ୍ୟକ ପରିମାଣରେ ସାର ଆସୁ ନ ଥିବା ବେଳେ ସାର ବିନା ଚାଷକାମ ବାଧାପ୍ରାପ୍ତ ହେଉଛି। ବର୍ତ୍ତମାନ ପରିସ୍ଥିତିରେ ବୋଡେନ ପ୍ରାଥମିକ କୃଷି ସମବାୟ ଅଧୀନ ଚାଷୀଙ୍କ ପାଇଁ ପ୍ରାୟ ୨୫୦୦ରୁ ଊର୍ଦ୍ଧ୍ୱ ପ୍ୟାକେଟ ଡିଏପି ସାରର ଆବଶ୍ୟକତା ଥିବା ବେଳେ ୧୬୦୦ ପ୍ୟାକେଟ ସାର ଆସିଥିବା ସୂଚନା ମିଳିଛି। ସାର ଆସିବା ଖବର ପାଇବା ପରେ ପାକ୍ସ ଗୋଦାମ ପାଖରେ ଚାଷୀଙ୍କ ପ୍ରବଳ ଭିଡ ଜମିଥିଲା । ମଙ୍ଗଳବାର ଦିନ ସାରା ଚାଷୀ ଲମ୍ବା ଲାଇନରେ ସାର ପାଇଁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା । ପାକ୍ସ ପକ୍ଷରୁ ଚାଷୀଙ୍କ ଜମି ଅନୁସାରେ ସାର ଦିଆଯାଉଥିବା ଦେଖାଯାଇଥିଲା । ସୂଚନା ଅନୁସାରେ, ୧ ରୁ ୨ ଏକର ଜମି ଥିବା ଚାଷୀଙ୍କୁ ୧ ପ୍ୟାକେଟ, ୨ ରୁ ୪ ଏକର ଜମିଥିବା ଚାଷୀଙ୍କୁ ୨ ପ୍ୟାକେଟ ସାର ଦିଆଯାଇଛି। ସେହିପରି ୫ରୁ ଊର୍ଦ୍ଧ୍ୱ ଜମି ଥିଲେ ୩ ପ୍ୟାକେଟ, ୭ ଏକର ଜମିଥିବା ଚାଷୀଙ୍କୁ ୪ ପ୍ୟାକେଟ ଓ ୧୦ ଏକର ଜମିଥିବା ଚାଷୀଙ୍କୁ ୫ ପ୍ୟାକେଟ ଡିଏପି ସାର ଦିଆଯାଉଛି। ଏକାଥରେ ଅଞ୍ଚଳର ସମସ୍ତ ଚାଷୀ ସାର ପାଇଁ ଜମା ହେବାରୁ ପାକ୍ସ ପାଖରେ ପ୍ରବଳ ଭିଡ ହୋଇଥିଲା । କିଛି ଚାଷୀ ସକାଳୁ ଅପେକ୍ଷା କରି ମଧ ସାର ପାଇ ନ ପରିବାରୁ କିଛି ସମୟ ପାଇଁ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଦିନ ସାରା ଲାଇନ୍‌ରେ ଲାଗି ସାର ନ ପାଇବାରୁ ଓ ଚାଷ ପାଇଁ ସାରର ଆବଶ୍ୟକତା ଦୃଷ୍ଟିରୁ ଚାଷୀ କଳାବଜାରୀଙ୍କ ଉପରେ ଭରସା କରିବାକୁ ବାଧ ହେଉଛି। ସାର ଅଭାବ କଳାବଜାରୀଙ୍କ ପାଇଁ ଏକ ସୁଯୋଗ ତୁଲ୍ୟ ହୋଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସାର ଯୋଗାଣ ବ୍ୟବସ୍ଥା କରିବାକୁ ଚାଷୀ ଦାବି କରିଛନ୍ତି।

## ପିଇଓଙ୍କ ପରେ ଆରଆଇ, ଅମିନଙ୍କ ବଦଳି

ଭବାନୀପାଟଣା,୧୯।୭(ସ୍ୱ.ପ୍ର.)

ଆକ୍ସନ ମୁଡରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ଓ ଏବେ ରେଭିନ୍ୟୁ ସୁପରଭାଇଜର, ଆରିଆଇ ଓ ଅମିନଙ୍କ ବଦଳି କରିଛନ୍ତି। ରେଡ୍ଡୀ ଜିଲାପାଳ ଭାବେ ଯୋଗଦେବା ପରେ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟ କରୁଥିବା ୧୪୧ ପଞ୍ଚାୟତ ନିର୍ବାହୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳଙ୍କ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ୬ଜଣ ରେଭିନ୍ୟୁ ସୁପରଭାଇଜର ସମେତ ୪୦ଜଣ ଆରଆଇ, ଅମିନଙ୍କ ବଦଳି ନିର୍ଦ୍ଦେଶ ଦେଇଛନ୍ତି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

କୋକସରା,୧୯।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ରାସ୍ତାର ମୋଟେର ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତରାପୁର ପଞ୍ଚାୟତ ଗଞ୍ଜିଆଗୁଡା ଇଛାପୁର ଗ୍ରାମର ନିଳାମ୍ବର ପୂଝାରୀ (୫୫)। ନିଳାମ୍ବର ଶ୍ୱଶୁର ଗାଁ ଖୁଟୁଲୁଗୁଡାରୁ ନିଜ ଗାଁକୁ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କୋକସରା ଥାନା ଓ ମୋଟେର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଘଟଣାସ୍ଥଳରେ ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ରହି ଖବର ଲେଖାଯିବା ପର୍ଯ୍ୟନ୍ତ ତଦନ୍ତ ଜାରି ରଖିଛନ୍ତି।

## ଦକ୍ଷତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଖଡ଼ିଆଳ,୧୯।୭(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପଞ୍ଚମ ବ୍ୟାଚର ଦକ୍ଷତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ତାଲିମରେ ଜିଲାର ବିଭିନ୍ନ ରୂପାନ୍ତରଣ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଶିକ୍ଷକଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀରେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଶବର ଅଧ୍ୟକ୍ଷତା କରିଥିବା ବେଳେ ସାଧନ କର୍ମୀ ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ନୂଆପଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ନିଖିଳ ଓଝା ଓ ଧର୍ମେନ୍ଦ୍ର କୁମାର ଦଣ୍ଡସେନା ମଞ୍ଚାସୀନ ଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ବିଦ୍ୟୁତ୍ ପ୍ରଭା ସାହୁ, ଅଞ୍ଜଳି ମେହେର, ନିବେଦିତା ମେହେର ଓ ଲକ୍ଷ୍ମୀପ୍ରିୟା କର ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିବାବେଳେ ଶିକ୍ଷକ ଜୟଦେବ ବେହେରା ପ୍ରାରମ୍ଭରେ ଗଣେଶ ବନ୍ଦନା ଗାନ କରିଥିଲେ। ୫ ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ୪୭ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ବିଦ୍ୟାଳୟ ଶିକ୍ଷକ ସୁର ବିଜୟ କାନ୍ତ ତାଣ୍ଡି, ଗୌରୀ ଶଙ୍କର ଦୁବେ, ରତନ ସିଂ ବାରିକ, ପ୍ରଶାନ୍ତ କୁମାର ପଣ୍ଡା, ନୀଳିମା ରାଣୀ ସାଗର, ପ୍ରଭୁଦତ୍ତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ଶ୍ୟାମ ନାରାୟଣ ମୁଣ୍ଡ, ସରସ୍ୱତୀ ରାଉତ, ମହମ୍ମଦ କଲାମ, ବୈଷ୍ଣବ ମେହେର, ସିମନ୍ତ କୁମାର ହେର୍ଣ୍ଣା, ହୋସ କୁମାର କଟା, ଦୁର୍ଯ୍ୟୋଧନ ସଗରିଆ, ଆଶିଷ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସ୍ୱଚ୍ଛ, ସୁନ୍ଦର ଲାଞ୍ଜିଗଡ଼ ସହର ପାଇଁ ମିଳିତ ଆଲୋଚନା

ଲାଞ୍ଜିଗଡ଼,୧୯।୭(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଲାଞ୍ଜିଗଡ ସହରକୁ ସ୍ୱଚ୍ଛ ଓ ସୁନ୍ଦର ଗଢି ତୋଳିବାକୁ ବେଦାନ୍ତ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୨୦୦୩ରୁ ଲାଞ୍ଜିଗଡଠାରେ ବେଦାନ୍ତ ସ୍ଥାପନ ହେବା ପରେ କମ୍ପାନୀର ସିଏସଆର ବିଭାଗ ଓ ବାହ୍ୟ ସମ୍ପର୍କ ବିଭାଗ ଏବଂ ଲୋକ ସମ୍ପର୍କ ବିଭାଗ ବିଭିନ୍ନ ପଦକ୍ଷେପ ନେଇଛି। ଲାଞ୍ଜିଗଡ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପ୍ରଥମ ଥର ପାଇଁ କମ୍ପାନୀ ପଦକ୍ଷେପ ନେବାକୁ ଯାଉଛି। ଏହିକ୍ରମରେ ବେଦାନ୍ତ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ସୋମବାର ମିଳିତ ବୈଠକରେ ଆଲୋଚନା କରାଯାଇଛି। ଏଥିରେ ବେଦାନ୍ତ ଲିମିଟେଡ୍ ମୁଖ୍ୟ ପରିଚାଳନା ଅଧିକାରୀ ଗୋବିନ୍ଦ ଗୋପାଳ ପାଲ, ସିଏସ୍‌ଆରର୍ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ଶ୍ରୀମୁଖ ଅଗସ୍ତି, ଭଗବାନ ହୋତା, ସୁଭେନ୍ଦୁ ପଣ୍ଡା ଏବଂ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ବରିଷ୍ଠ ନାଗରିକ ଉଦୟ କୁମାର, ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ, ଶ୍ରମିକ ସଂଘ ସଭାପତି ସଞ୍ଜୀବ ପେସନିଆ, ରାଜେନ୍ଦ୍ର ପ୍ରତାପ ସିଂଦେଓ, କାମରାଜ ଦଳବେହେରା, ସୁବାଷ ମହାପାତ୍ର, ସତ୍ୟନାରାୟଣ ନାୟକ ପ୍ରମୁଖ ଅଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଲାଞ୍ଜିଗଡ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଲାଞ୍ଜିଗଡକୁ ସ୍ୱଚ୍ଛ, ସୁନ୍ଦର ଓ ବିକଶିତ ସହର ଭାବେ ପରିଗଣିତ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ।



ବେଦାନ୍ତ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ଆଲୋଚନା ଚାଲିଛି।

# ନିର୍ମାଣାଧୀନ ଆଡିବନ୍ଧ ଭୁଶୁଡ଼ିଲା

ବିଜୁ ସେତୁ ଯୋଜନା

■ ଗାର୍ଡୱାଲ ଭାଙ୍ଗିଲା

କର୍ଲାମୁଣ୍ଡା,୧୯।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଯୋଗିପଲା ଓ କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ସାହାଜପାଟି ଗାଁକୁ ସଂଯୋଗ କରୁଥିବା ମଙ୍ଗଳା ଯୋରଠାରେ ନିର୍ମାଣାଧୀନ ସେତୁର ଆଡିବନ୍ଧ ଭୁଶୁଡିବା ସହିତ ଗାର୍ଡୱାଲ ଭାଙ୍ଗିଯାଇଛି। ଏଥିସହ ରାସ୍ତା ମଧ ଫାଟି ଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଏବେ ଏହି ସେତୁ ନିର୍ମାଣରେ ଅନିୟମିତତା ଏବଂ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ସୂଚନା ଯେ, ଗମନାଗମନର ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ୨୦୧୯ରେ ବିଜୁ ସେତୁ ଯୋଜନାରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ କାର୍ଯ୍ୟ ଟେଣ୍ଡର ହୋଇଥିଲା। ୪ କୋଟି



ଗାର୍ଡୱାଲ ଭାଙ୍ଗି ପଡ଼ିଛି।

୪ଲକ୍ଷ ୨୫ ହଜାର ୩ ଶହ ତିନି ଟଙ୍କା ଏଗ୍ରିମେଣ୍ଟରେ ଜଣେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖ ଅଭାବ ଯୋଗୁ ଚଳିତ ସପ୍ତାହର ବର୍ଷାରେ ଗୋଟିଏ ପାର୍ଶ୍ୱ ଆଡିବନ୍ଧ ସମ୍ପୂର୍ଣ୍ଣ ଭୁଶୁଡିବା ସହ ଗାର୍ଡୱାଲ ମଧ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ଏହି ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ ତପନ କୁମାର ବଡନାଏକଙ୍କୁ ପଚାରିବାରୁ ବର୍ଷାରେ ଆଡିବନ୍ଧ ଭୁଶୁଡିବା ସହ ଗାର୍ଡୱାଲ ବହୁ ବର୍ଷ ପୂର୍ବରୁ ହେଇଥିଲା। ଏହି ସେତୁ କାର୍ଯ୍ୟ ସହିତ କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି। ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ସୁନ୍ଦରଗଡ଼ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ପୂର୍ଣ୍ଣା ଗ୍ରାମ ଜଙ୍ଗଲରେ ମଙ୍ଗଳବାର ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ପୂର୍ଣ୍ଣା ଗ୍ରାମର ଭାଗବତିଆ ସନମାନି (୭୩) ନିକଟସ୍ଥ ଜଙ୍ଗଲକୁ ଛତୁ ସଂଗ୍ରହ କରିବାକୁ ଯାଇଥିବା ସମୟରେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହେମଗିର ସାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେମଗିରଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ପଠାଇଛନ୍ତି।

## ସଂକ୍ଷେପରେ

### ରାଏବୋଗା ଲ୍ୟାମ୍ପ୍ସ ସଭାପତି ହେଲେ ଗୋରେଟି

କୁଆଁରମୁଣ୍ଡା,୧୯।୭(ଡି.ଏନ.ଏ.): ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ମଙ୍ଗଳବାର ସୁନ୍ଦରଗଡ଼ ଜିଲା ରାଏବୋଗା ଲ୍ୟାମ୍ପ୍ସ ସଭାପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ୨ଜଣ ପ୍ରାର୍ଥୀ ପରସ୍ପର ସହ ପ୍ରତିଦ୍ୱନ୍ଦିତା କରୁଥିଲାବେଳେ ଗୋରେଟି କିରୋଙ୍କୁ ୮ଟି ଭୋଟ ମିଳିଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ଲକ୍ଷ୍ମଣ ସାଙ୍କୁ ୭ଟି ଭୋଟ ମିଳିଥିଲା। ଫଳରେ ନିର୍ବାଚନ ଅଧିକାରୀ ବୀରକିଶୋର ବିଲୁଙ୍ଗ ଗୋରେଟିଙ୍କୁ ବିଜୟୀ ଘୋଷଣା କରିଥିଲେ। ଫଳରେ ଗୋରେଟି ରାଏବୋଗା ଲ୍ୟାମ୍ପ୍ସର ନବ ନିର୍ବାଚିତ ସଭାପତି ହେବାର ଗୌରବ ହାସଲ କରିଥିଲେ। ସୂଚନା ଥାଉକି,୧୫ଟି ବୁଥ ବିଶିଷ୍ଟ ରାଏବୋଗା ଲ୍ୟାମ୍ପ୍ସରେ ୧୫ ଜଣ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିଲେ। ରାଏବୋଗା ଲ୍ୟାମ୍ପ୍ସର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି ଉପସ୍ଥିତ ରହି ନିର୍ବାଚନକୁ ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ।

### ରାଜଗାଙ୍ଗପୁର ବରିଷ୍ଠ ନାଗରିକ ସଂଘର ନିର୍ବାଚନ

ରାଜଗାଙ୍ଗପୁର, ୧୯।୭ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବରିଷ୍ଠ ନାଗରିକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଦସ୍ୟମାନଙ୍କର ସର୍ବସମ୍ମତିକ୍ରମେ ରାଜଗାଙ୍ଗପୁର ଅଞ୍ଚଳର ଡାକ୍ତର ହୃଷିକେଶ ପଣ୍ଡାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ଉପସଭାପତି କପୁର ଚନ୍ଦ ଅଗ୍ରୱାଲ, ସମ୍ପାଦକ ଭାବେ ହେମନ୍ତ ସିଂ, ସହସମ୍ପାଦକ ଅରବିନ୍ଦ କାନାନି, କୋଷାଧକ୍ଷ ଭାବେ ସୁଧିର କୁମାର ରଣା, ସହ କୋଷାଧକ୍ଷ ଭାବେ ରବିନାରାୟଣ ସାହୁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, କରୋନା ପାଇଁ ସଂଘର ନିର୍ବାଚନ ୩ବର୍ଷ ଧରି ହୋଇପାରି ନ ଥିଲା। ଏହି କମିଟିର କାର୍ଯ୍ୟକାଳ ୨ ବର୍ଷ ଧରି ରହିବ। ନିର୍ବାଚନ ଅଧିକାରୀ ଭାବେ ବିନୋଦ ଶର୍ମା ଓ ଅଶୋକ ଅଗ୍ରୱାଲ ରହି ଏହି ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ।

### ଦଳିତ ଛାତ୍ରଙ୍କୁ ଶିକ୍ଷକଙ୍କ ଦୁର୍ବ୍ୟବହାର ଅଭିଯୋଗ: ଥାନାରେ ମାମଲା

ଲେଫ୍ରିପଡା,୧୯।୭(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଏକ ହାଇସ୍କୁଲରେ ଜଣେ ଶିକ୍ଷକ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରଙ୍କୁ ଶ୍ରେଣୀ ପ୍ରକୋଷ୍ଠରେ ଜାତିଆଣ ଆକ୍ଷେପ କରି ଦୁର୍ବ୍ୟବହାର କରିବା ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତ ଶିକ୍ଷକଙ୍କ ଏଭଳି ବ୍ୟବହାରରେ ଛାତ୍ର ଜଣକ ମାନସିକ ଚାପରେ ଅସୁସ୍ଥ ହୋଇପଡିଥିବା ନେଇ ତାଙ୍କ ବାପା ଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏସମ୍ପର୍କରେ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ପଚରାଯିବାରୁ ସେ ଘଟଣାଟି ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସ୍କୁଲକୁ ବଦନାମ କରିବାକୁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି। ଏସମ୍ପର୍କରେ ଲେଫ୍ରିପଡା ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଘଟଣାର ତଦନ୍ତ ଭାର ଏସଡିପିଓ ମଧୁସ୍ମିତା ମିଶ୍ର ନେଇଥିବା ଆଇଆଇସି ସୁମନ୍ତ କୁମାର ନାଏକ ପ୍ରକାଶ କରିଛନ୍ତି।

# ମାଙ୍ଗାନିଜ ଚୋରା ଚାଲାଣ ବଢୁଛି





ବନବିଭାଗ ଦ୍ୱାରା ଜବତ ଦୁଇ ମାଙ୍ଗାନିଜ ବୋଝେଇ ଟ୍ରକ୍।

### ଗଣୁଆ ସଂରକ୍ଷିତ ଜଙ୍ଗଲରୁ ଚୋରା ମାଙ୍ଗାନିଜ ବୋଝେଇ ଦୁଇ ଟ୍ରକ ଜବତ, ୨ଗିରଫ

ସୁନ୍ଦରଗଡ଼/ଟେନ୍ସା, ୧୯।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଣାଇ ସବ୍‌ଡିଭିଜନ ଅଞ୍ଚଳରେ ମାଙ୍ଗାନିଜ ଚୋରା ଚାଲାଣ ବଢୁଛି। ବ୍ୟବସାୟୀମାନେ ସରକାରୀ କର୍ମଚାରୀମାନଙ୍କୁ ହାତକରି ମାଙ୍ଗନିଜ ଚୋରା ଚାଲାଣ କରିବାରେ ଲାଗିଛନ୍ତି। ସୋମବାର ୨ଟି ମାଙ୍ଗାନିଜ ବୋଝେଇ ଟ୍ରକ୍ ଧରା ପଡ଼ିବା ପରେ ଏହାର ଚୋରା ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ସୁନ୍ଦରଗଡ଼ ଜିଲାର କୋଇଡା ବନଖଣ୍ଡ ଅନ୍ତର୍ଗତ ଗଣୁଆ ସଂରକ୍ଷିତ ଜଙ୍ଗଲରୁ ଦୁଇ ଗୋଟି ଚୋରା ମାଙ୍ଗାନିଜ ବୋଝେଇ ଟ୍ରକ ଜବତ କରିଛି ବନବିଭାଗ। ଜବତ ମାଙ୍ଗାନିଜର ଆନୁମାନିକ ମୂଲ୍ୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି। ଏହି ଅଭିଯୋଗରେ ବନବିଭାଗ ୨ଜଣ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ କାନପୁରର ଅଜୟ କୁମାର ଯାଦବ (୫୭), ଝାଡ଼ଖଣ୍ଡ ସିନି ଷଡ୍‌ଢେଇକଳାର ଅଜୟ କୁମାର ମାହାତୋ (୩୬)। ବନବିଭାଗ ଏହି ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। କୋଇଡା ବନ ବିଭାଗର ଏକ ଟିମ ଗଣୁଆଁ ସଂରକ୍ଷିତ ଜଙ୍ଗଲରେ ପହଞ୍ଚିବା ପରେ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତି ଖସି ପଳାଇଥିଲେ। ସେମାନଙ୍କ ପିଛା କରି ବନ ବିଭାଗର ଟିମ୍ ୨ଜଣକୁ କେନ୍ଦୁଝର ଜିଲା ରୁଗୁଡି ଅଞ୍ଚଳରୁ ଗିରଫ କରିଥିଲା। ଚଢାଉ ବେଳେ ଓଡ଼ି ୦୯କେ ୧୫୮୧ ଓ ଓଡ଼ି ୦୯ସି ୧୧୫୧ ନମ୍ବର ଥିବା ଦୁଇଟି ଚୋରା ମାଙ୍ଗାନିଜ ବୋଝେଇ ଟ୍ରକ ଜବତ କରିଛି। ଉଭୟ ଟ୍ରକ୍ ସହ ୬୩ ମେଟ୍ରିକ ଟନ ଓଜନର ମାଙ୍ଗାନିଜ ଜବତ କରାଯାଇଛି। ଏହି ସବଡିଭିଜନ ଅଞ୍ଚଳରେ ମାଙ୍ଗାନିଜ ଗଚ୍ଛିତ ଥିବାରୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହିଭଳି ନିୟମିତ ଚଢାଉ କରାଗଲେ ମାଙ୍ଗାନିଜ କିଭଳି ଚୋରା ଚାଲାଣ ହେଉଛି ତାହା ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି।

# ଜିଲାର ବିକାଶ ନିମନ୍ତେ ଜନସାଧାରଣ, ପ୍ରଶାସନର ସହଯୋଗ ଆବଶ୍ୟକ

### ଖବରଦାତା ସମ୍ମିଳନୀ ଜରିଆରେ ନିବେଦନ କଲା ଜିଲା ସରପଞ୍ଚ ସଂଘ

ଦେବଗଡ଼,୧୯।୭(ଡି.ଏନ.ଏ.)

ଦେବଗଡ଼ ଜିଲାର ତିନୋଟିଯାକ ବ୍ଲକର ସରପଞ୍ଚମାନଙ୍କୁ ନେଇ ସୋମବାର ଦେବଗଡ଼ ଜିଲା ସରପଞ୍ଚ ସଂଘ ନାମରେ ଏକ ନୂତନ ସଂଘ ଗଠିତ ହୋଇଥିବା ବେଳେ ଜିଲାର ବିକଶ ନିମନ୍ତେ ଦେବଗଡ ଜିଲାବାସୀ, ଜିଲା ପ୍ରଶାସନ ଏବଂ ଗଣମାଧ୍ୟମର ସହଯୋଗ ଲୋଡ଼ିଛି ଏହି ସଂଘ। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ସଂଘର ସଭାପତି ସତ୍ୟନାରାୟଣ ପାଣି ଓ ସାଧାରଣ ସମ୍ପାଦକ ପ୍ରକାଶ କୁମାର ଆଚାର୍ଯ୍ୟ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ଜରିଆରେ ଏଭଳି ସହଯୋଗ କାମନା କରିଛନ୍ତି। ଉଭୟ ସଭାପତି ଓ ସମ୍ପାଦକ ଜିଲାର ଜନସାଧାରଣ, ଜିଲା ପ୍ରଶାସନ ଏବଂ ସର୍ବୋପରି ଗଣମାଧ୍ୟମର ସହଯୋଗ ନ ହେଲେ ଜିଲାର ବିକାଶ ସମ୍ଭବପର ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହ ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଜନସାଧାରଣ, ଜିଲା ପ୍ରଶାସନ, ଗଣମାଧ୍ୟମର ପ୍ରତିନିଧି ଓ ଦଳମତ ନିର୍ବିଶେଷରେ ନିର୍ବାଚିତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନେ ମିଳିମିଶି ନିଷ୍ଠାର ସହ କାମ କଲେ ଜିଲାର ବିକାଶ ହୋଇପାରିବ। ଏଣୁ ଏଥିପାଇଁ ସରପଞ୍ଚ ସଂଘକୁ ସମସ୍ତେ ସହଯୋଗ କରିବାକୁ ସେମାନେ ଗଣମାଧ୍ୟମ ଜରିଆରେ ନିବେଦନ କରିଥିଲେ।



ଖବରଦାତା ସମ୍ମିଳନୀରେ ସରପଞ୍ଚ ସଂଘର କର୍ମକର୍ତ୍ତା।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

କୁଆଁରମୁଣ୍ଡା,୧୯।୭(ଡି.ଏନ.ଏ.)

କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ କୁଆଁରମୁଣ୍ଡା-ହାତୀବାରି ରୋଡରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଜବରଦଖଲ ହୋଇଥିବା ଏକ ସରକାରୀ ଜମିକୁ ମଙ୍ଗଳବାର ତହସିଲ ପ୍ରଶାସନ ପୋଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲମୁକ୍ତ କରିଛି। ଜବରଦଖଲକାରୀ ଖବରପାଇ ଘଟଣାସ୍ଥଳରେ ପହଞ୍ଚି କେଉଁ କାରଣରୁ ମୋର ଚାଷ ଜମିରେ ଡ୍ରୋଜର ଚଳାଯାଉଛି ସେ ନେଇ କ'ଣ ସରକାରୀ ନିର୍ଦ୍ଦେଶ ଅଛି ବୋଲି ପ୍ରଶାସନିକ ଅଧିକାରୀଙ୍କୁ ମାଗିଥିଲେ ମଧ୍ୟ ତାହା ତାଙ୍କୁ ମିଳି ନ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ସ୍ଥାନରେ ନିର୍ମାଣ ହୋଇଥିବା ଏକ ଘରକୁ ନ ଭାଙ୍ଗିବା ପାଇଁ ସେ ପ୍ରଶାସନକୁ ସମୟ ମାଗିଥିଲେ ମଧ୍ୟ ତାହା ନ ଶୁଣି ପ୍ରଶାସନ ତୁରନ୍ତ ଉକ୍ତ ଘରକୁ ଜେସିବି ସାହାଯ୍ୟରେ ଭାଙ୍ଗିଦେଇଛି। ସମୟ ନ ଦେଇ ଘର ଭାଙ୍ଗିବାକୁ ନେଇ ଜବରଦଖଲକାରୀ ବୀରମିତ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଏହି ଘଟଣା ପରେ କୁଆଁରମୁଣ୍ଡାର ପ୍ରମୁଖ ସ୍ଥାନଗୁଡିକରେ ଏକାଧିକ ସରକାରୀ ପ୍ଲଟ ଜବରଦଖଲକାରୀମାନଙ୍କ କବଳରେ ଥିବା ବେଳେ ତାଙ୍କ ପ୍ରତି କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସମ୍ପୃକ୍ତ ଜବରଦଖଲକାରୀ ପଚାରିବାରୁ ପର୍ଯ୍ୟାୟକ୍ରମେ ସେଗୁଡିକ ଉଚ୍ଛେଦ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ଗରିବର ବନ୍ଧୁ, ଅସହାୟର ସାଥୀ

ସୁନ୍ଦରଗଡ଼, ୧୯।୭(ଡି.ଏନ୍.ଏ.)



ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ ଉତ୍ତମଙ୍କର ମରଶରୀର ସତ୍କାର କରୁଛନ୍ତି।

କଥାରେ ଅଛି ଯାହାର କେହି ନାହାନ୍ତି, ତାଙ୍କ ପାଇଁ ଭଗବାନ କେଉଁଠି ନା କେଉଁଠି କାହାକୁ ତିଆରି କରିଥାଆନ୍ତି। ଆଉ ତାହାର ଉଦାହରଣ ହେଉଛନ୍ତି ସୁନ୍ଦରଗଡ଼ର ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ। ଏମାନେ ବିଭିନ୍ନ ସମୟରେ ବିଭିନ୍ନ ମହାନତା କାର୍ଯ୍ୟ ଦେଖାଇ ଆସୁଥିବାବେଳେ ସୋମବାର ଆଉ ଏକ ମହାନତା କାର୍ଯ୍ୟ ଦେଖାଇଛନ୍ତି। ସୁନ୍ଦରଗଡ ପୌରପାଳିକା ଅନ୍ତର୍ଗତ ଶଙ୍କରା ଅଞ୍ଚଳର ଉତ୍ତମ ଖାତି (୭୨) ନାମକ ଜଣେ ଗରିବ, ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରିଛନ୍ତି। ଉତ୍ତମ ଏକ ପରିତ୍ୟକ୍ତ ଭଙ୍ଗା କ୍ଲବ ଘରେ କଷ୍ଟେମଷ୍ଟେ ମୁଣ୍ଡ ଗୁଞ୍ଜିଥିଲେ। କମାର କାମ କରି ପେଟ ପୋଷୁଥିଲେ। ୨୦୧୫ରେ ଉତ୍ତମଙ୍କ ଅର୍ଦ୍ଧାଙ୍ଗିନୀ ସ୍ତ୍ରୀଙ୍କର ପରଲୋକ ଘଟିଥିଲା। ସ୍ତ୍ରୀ ଚାଲିଯିବା ପରେ ଉତ୍ତମ କାମଧନ୍ଦା କରିବା ବନ୍ଦ ହୋଇଗଲା। ଏକମାତ୍ର ପୁଅ ଗୋବିନ୍ଦ ଅଭାବ ଅନଟନ ଓ ଭୋକଜ୍ୱାଳାର କଷଣକୁ ସହି ନ ପାରି ଦିନ ମଜୁରିଆ ଭାବରେ ମୂଲ ଲାଗି କିଛି ଆଣିଲେ ଦୁଇଜଣ ବାପପୁଅ ପେଟ ପୋଷି ହେଉଥିଲେ। କିନ୍ତୁ ଗତ ଦୁଇ ମାସ ହେଲା ଉତ୍ତମ ଶଯ୍ୟାଶାୟୀ ହୋଇ ପଡିରହିଥିଲେ। ବାପାଙ୍କ ସେବା କରିବା ପାଇଁ ଗୋବିନ୍ଦ ଆଉ କାମକୁ ଯାଇପାରିଲା ନାହିଁ। ରୋଜଗାର ବନ୍ଦ ହୋଇଗଲା। କୌଣସି ପ୍ରକାର ସରକାରୀ ଭତ୍ତା ଅବା ଯୋଜନାରୁ ବଞ୍ଚିତ ଥିଲେ ଉଭୟ। ଦୁଇଓଳି ଖାଇବାକୁ ମଧ୍ୟ ପାଇଲେ ନାହିଁ। ଅବସ୍ଥା ଜଟିଳ ହେଉଥିବା ଦେଖି ଶଙ୍କରା ଗ୍ରାମର ଜଣେ ଉଦ୍ୟମୀ ଯୁବକ ଭବାନୀଶଙ୍କର ସୁନାନୀ ସମସ୍ତ କଥା ଦେଖିବା ପରେ ସୁନ୍ଦରଗଡ଼ର ଦେବାଶୀଷ କବିଙ୍କୁ ଜଣାଇଥିଲେ। ଦେବାଶୀଷ ସହଯୋଗ ପାଇଁ ଟିମ୍ ଶ୍ମଶାନବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଅନୁରୋଧ କରିଥିଲେ। ସିଦ୍ଧାନ୍ତ ଓ ଟିମ୍ ଶ୍ମଶାନ ବନ୍ଧୁର ସମସ୍ତ ସଦସ୍ୟ ଶଙ୍କରାକୁ ଯାଇ ସ୍ଥିତି ଦେଖିବା ପରେ କାଳବିଳମ୍ବ ନକରି ତୁରନ୍ତ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସରୋଜ କୁମାର ମିଶ୍ରଙ୍କୁ ଯୋଗାଯୋଗ କରି ବାପ ପୁଅଙ୍କ ସ୍ଥିତି ବିଷୟରେ ଅବଗତ କରାଇବା ସହିତ ଆମ୍ବୁଲାନ୍ସ ଦ୍ୱାରା ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟ ସଂକ୍ରମଣ ୱାର୍ଡରେ ଭର୍ତ୍ତି କରାଇଥିଲେ। ଏଥିସହିତ ଉତ୍ତମଙ୍କର ଦାୟିତ୍ୱ ନିଜେ ବହନ କରିଥିଲେ। ପ୍ରତ୍ୟକ୍ଷ ଭାବରେ ଉତ୍ତମଙ୍କ ଚିକିତ୍ସା କରାଉଥିଲେ। ଉତ୍ତମଙ୍କ ପୁତ୍ର ଗୋବିନ୍ଦଙ୍କୁ ମଧ୍ୟ ଆର୍ଥିକ ସହଯୋଗ ଯୋଗାଇ ଦେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ସୋମବାର ସକାଳେ ଉତ୍ତମଙ୍କର ପରଲୋକ ଘଟିଥିଲା। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ ଲାଗି ପଡିଥିଲେ ଉତ୍ତମଙ୍କ ଶେଷଯାତ୍ରାର ବନ୍ଦୋବସ୍ତରେ। କାଠ, ଘିଅ କର୍ପୁର ଆଦି ସବୁ ଯୋଗାଡ କରିବା ପରେ ମୁଖ୍ୟ ଚିକିତ୍ସାଳୟଠାରୁ ସିଧା ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ନେଇ ସମ୍ପୂର୍ଣ୍ଣ ହିନ୍ଦୁ ପରମ୍ପରା ଓ ନୀତିନିୟମରେ ଉତ୍ତମଙ୍କର ମରଶରୀର ସତ୍କାର କରିଥିଲେ। ପୁତ୍ର ଗୋବିନ୍ଦ ହତବାକ ହୋଇ ସବୁ ଦେଖୁଥିଲେ। ବାପାଙ୍କୁ ମୁଖାଗ୍ନି ଦେଇ ନିଜର ଶେଷ ସମ୍ମାନ ଜଣାଇ ଶ୍ମଶାନ ବନ୍ଧୁଙ୍କ ଏହି ମାନବିକ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟଚାଷ ସଚେତନତା ଶିବିର

ଦେବଗଡ଼, ୧୯।୭(ଡି.ଏନ୍.ଏ.)

ଦେବଗଡ଼ ଜିଲାର ତିଲେଇବଣୀ ବ୍ଲକର ସମ୍ମିଳନୀ କକ୍ଷଠାରେ ବ୍ଲକସ୍ତରୀୟ ମତ୍ସ୍ୟଚାଷ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତି, ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିଷାନ ଓ ସହକାରୀ ମତ୍ସ୍ୟ ଅଧିକାରୀ ଭୂପେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଜିଲାପାଳ ଉପାଧ୍ୟାୟ ମତ୍ସ୍ୟ ଚାଷୀମାନଙ୍କୁ କମ୍ ପଇସା ବିନିଯୋଗ କରି ଅଧିକ ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଚାଷୀ ନୂତନ ଜ୍ଞାନକୌଶଳ ପଦ୍ଧତି ଓ ତଳିଆ ଜମିରେ ମାଛ ଚାଷ, ଧାନ କ୍ଷେତରୁ ମତ୍ସ୍ୟ ପୋଖରୀ ନିର୍ମାଣ, ମହିଳା ସଶକ୍ତିକରଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବ୍ଲକସ୍ତରୀୟ ସଚେତନତା ଶିବିରରେ ୬୦ଜଣ ମତ୍ସ୍ୟ ଚାଷୀ ଉପସ୍ଥିତ ଥିଲେ। ଉନ୍ନତମାନର ମତ୍ସ୍ୟ ଚାଷୀ ଯାମୁନାଳୀର ଅନନ୍ତ ନାୟକ ଓ ମା ସନ୍ତୋଷୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଲକୁଦର କୁଞ୍ଜବାହାଲକୁ ଜିଲାପାଳ ଉପାଧ୍ୟାୟ ପୁଷ୍ପଗୁଚ୍ଛ, ମାନପତ୍ର, ଟ୍ରଫି ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ମତ୍ସ୍ୟ ଚାଷୀମାନେ ଉପସ୍ଥିତ ଥିଲେ। ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ଭୁଭେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ମତ୍ସ୍ୟଚାଷ ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ, ବିଡିଓ ଏବଂ ମତ୍ସ୍ୟ ଅଧିକାରୀ ଉପସ୍ଥିତ।

# ଗଡ଼ତୁମୁଲିଆ କଲେଜରେ ବନ ମହୋତ୍ସବ

ସୁନ୍ଦରଗଡ଼, ୧୯।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅଧିନସ୍ଥ ଗଡ଼ତୁମୁଲିଆସ୍ଥିତ ମାଣିକେଶ୍ୱରୀ କଲେଜ ପରିସରରେ ସୋମବାର ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ବନ ମହୋତ୍ସବ ଏବଂ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାନଦୀ କୋଲ ଫିଲଡ ଲିମିଟେଡ଼ର ସ୍ଥାନୀୟ ବସୁନ୍ଧରା ଖଣି ପ୍ରକଳ୍ପର ଜେନେରାଲ ମ୍ୟାନେଜର ପି.ବି. ରେଡ୍ଡୀ ମୁଖ୍ୟ ଅତିଥି, ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ଜିଲା ପରିଷଦ ସଭ୍ୟ ଉଦିତ୍ ସେଠ, ସମିତି ସଭ୍ୟ ନବୀନ ବାଗ, ସରପଞ୍ଚ ଶେଷବତୀ ପ୍ରଧାନ, ନାଏବ ସରପଞ୍ଚ ଗୋବର୍ଦ୍ଧନ ପଶାୟତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଖଣି ଯୋଗୁ ହେଉଥିବା ଜଙ୍ଗଲ କ୍ଷୟକୁ ଭରଣା କରିବା ପାଇଁ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। କଲେଜର ଅଧ୍ୟକ୍ଷ ଖଗେନ୍ଦ୍ର କୁମାର ଆଗସ୍ତିଙ୍କ ନେତୃତ୍ୱରେ ଏବଂ ଜାତୀୟ ସେବା ସଂସ୍ଥା ନିର୍ବାହୀ ଅଧାପକ ସରୋଜ କୁମାର ମିଶ୍ରଙ୍କ ସଂଯୋଜନାରେ ୪୪ଟି ଚାରା କଲେଜ ପରିସରରେ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରାଧ୍ୟାପକ ଅଶୋକ ନାଏକ, ବ୍ରଜେସ ସାହୁ, ଶରତ ପଟେଲ, ନିନା ତ୍ରିପାଠୀ, ସୁଷମା ନାଏକ, ନରେନ୍ଦ୍ର ପଟେଲ, ଗଣେଶ ମେହେର ପ୍ରମୁଖ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

# ନୃତ୍ୟ, ନାଟକ ମାଧ୍ୟମରେ ସଚେତନତା

### ଲାୟନ୍ସ କ୍ଲବ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୧୯।୭(ଡି.ଏନ୍.ଏ.)

ଦେବଗଡ଼ ଲାୟନ୍ସ କ୍ଲବ ପକ୍ଷରୁ ମଙ୍ଗଳବାର ତିଲେଇବଣୀ ବ୍ଲକ ଅନ୍ତର୍ଗତ କଂସର କଲେଜ ଓ ଲୁଢର କଲେଜରେ ସଡ଼କ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ନାଟ୍ୟକଳା ସଂସଦର ଶିଶୁ କଳାକାରମାନେ ନୃତ୍ୟ ଓ ନାଟକ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଟ୍ରାଫିକ ନିୟମ ମାନିବା, ଦୁଇଚକିଆ ଯାନ ଚଳାଇବା ସମୟରେ ହେଲମେଟ ବ୍ୟବହାର , ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଦେବଗଡ଼ ଲାୟନ୍ସ କ୍ଲବ ସଭାପତି ଶୁକଦେବ ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂସର କଲେଜ ଅଧ୍ୟକ୍ଷ ସୁକୁମାର ଗୁପ୍ତା, ଲୁଢର କଲେଜ ଅଧ୍ୟକ୍ଷ ସରୋଜ ସେଠୀଙ୍କ ସମେତ କଲେଜର ସମସ୍ତ ଅଧାପକ, କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଲୁଢର କଲେଜରେ ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ବାବୁଲାଲ ପୃସେଠ ଉପସ୍ଥିତ ଥିଲେ।



ନୃତ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

# ମୃତ୍ୟୁ ପରେ ଶରୀର ଦାନ ପାଇଁ ଚୁକ୍ତିକଲେ ଅଧାପିକା

### ଜନ୍ମଦିନରେ ନିଆରା ପଦକ୍ଷେପ

ସୁନ୍ଦରଗଡ଼, ୧୯।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଯଶୋଦାବିଷ୍ଣୁ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧାପିକା ସ୍ନିଗ୍ଧାରାଣୀ ପଟେଲ ମଙ୍ଗଳବାର ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜର ଆନାଟୋମୀ (ଶରୀରତତ୍ତ୍ୱ) ବିଭାଗକୁ ଯାଇ ମୃତ୍ୟୁ ପରେ ତାଙ୍କ ଶରୀର ଦାନ ପାଇଁ ଚୁକ୍ତିବଦ୍ଧ ହୋଇ ସ୍ୱୀକୃତି ପ୍ରଦାନ କରିଛନ୍ତି। ତାଙ୍କର ମୃତ୍ୟୁ ପରେ ତାଙ୍କ ଶରୀର ଡାକ୍ତରୀ ଛାତ୍ରଙ୍କ ଗବେଷଣା କାର୍ଯ୍ୟ ସହ ଅନ୍ୟ କୌଣସି ବ୍ୟକ୍ତିଙ୍କ ଆବଶ୍ୟକ ଅଙ୍ଗ ପାଇଁ ବ୍ୟବହାର କରିବାକୁ ସେ ତାଙ୍କ ଚୁକ୍ତିନାମାପତ୍ରରେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଅଧାପିକାଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଗିରିଙ୍ଗକେଲା ଗ୍ରାମରେ ମାତା ରେଣୁକା ପଟେଲ ଓ ବାପା ପ୍ରମୋଦ ପଟେଲଙ୍କ ଝିଅ ସ୍ନିଗ୍ଧା ୧୯୮୭ ଜୁଲାଇ ୧୯ରେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷାବିଭାଗରେ ସ୍ନାତକୋତ୍ତର ଶିକ୍ଷା ପରେ ୨୦୧୦ରେ ଅଧାପିକା ଭାବେ ଚାକିରୀ ଜୀବନ ଆରମ୍ଭ କରିଛନ୍ତି। ସେ ୨୦୧୨ରେ ଝାରସୁଗୁଡା ଜିଲା ଚିଚିଣ୍ଡା ଗ୍ରାମର ସନ୍ତୋଷ କୁମାର ପଟେଲଙ୍କୁ ବିବାହ କରିଥିଲେ। ଗତବର୍ଷ ସ୍ନିଗ୍ଧା ଏହି ଜନ୍ମଦିନରେ ମୃତ୍ୟୁ ପରେ ତାଙ୍କ ଚକ୍ଷୁଦାନ କରିବା ପାଇଁ ଚୁକ୍ତିନାମା କରିଥିବା ବେଳେ ଚଳିତବର୍ଷ ଶରୀରଦାନ ପାଇଁ ମେଡିକାଲ କଲେଜର ବିଭାଗୀୟ ମୁଖ୍ୟ ପ୍ରଫେସର ମମତା ସରଙ୍କ ଠାରେ ଚୁକ୍ତିନାମା କରି ନିଜର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଚୁକ୍ତିନାମାବେଳେ ତାଙ୍କ ସହିତ ମା' ରେଣୁକା ପଟେଲ ଓ ଭାଇ ଶୁଭାଶୀଷ ଉପସ୍ଥିତ ଥିଲେ। ସ୍ନିଗ୍ଧା କହନ୍ତି, ଜୀବନରେ ବଞ୍ଚିଥିବା ଯାଏ ଅନ୍ୟ ପାଇଁ କିଛି କରିବା ଓ ମୃତ୍ୟୁ ପରେ ଏହି ଶରୀର ମେଡିକାଲ ଛାତ୍ରଙ୍କ ଗବେଷଣା କାର୍ଯ୍ୟରେ ଲାଗିବା ମୋର ଇଚ୍ଛା। ସ୍ନିଗ୍ଧାଙ୍କ ସ୍ୱାମୀ ସନ୍ତୋଷ ଭବାନୀପାଟଣା ଓମଫେଡରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ଏକ କନ୍ୟାସନ୍ତାନ ସାଇନି ବର୍ତ୍ତମାନ ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଷ୍ଟାଣ୍ଡାର୍ଡ ୱାନର ଛାତ୍ରୀ। ସାଇନିଙ୍କ ଜନ୍ମଦିନରେ ମଧ୍ୟ ସେ ଅନାଥାଶ୍ରମକୁ ଯାଇ ନିଆରା ଢଙ୍ଗରେ ପାଳନ କରିଆସୁଛନ୍ତି।



ବୁର୍ଲା ମେଡିକାଲ କଲେଜ ଆନାଟୋମୀ ବିଭାଗର ପ୍ରଫେସର ମମତା ସରଙ୍କ ନିକଟରେ ସ୍ନିଗ୍ଧା ଶରୀର ଦାନ ପାଇଁ ଚୁକ୍ତିବଦ୍ଧ ହେଉଛନ୍ତି।

**୩୫ ୟୁନିଟ୍ ରକ୍ତ ସଂଗ୍ରହ**

**ବରଗଡ଼ ଅଫିସ୍:** ବରଗଡ଼ ବ୍ଲକ ଖୁଣ୍ଟପାଲି ପଞ୍ଚାୟତ ବେହେରା ଗ୍ରାମରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ଗୌରହରି ମିଶ୍ର, ଜୟଦେବ ଗଡ଼ତିଆ, ଧ୍ରୁବଚରଣ ସାହୁ, ନିରଞ୍ଜନ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଆନନ୍ଦ ଭୋଇ, ଅରୁଣ ମାଝି, ସୁବ୍ରତ ପ୍ରଧାନ, ରାଜକୁମାର ବନଛୋର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧୦ କୋଟି ଟଙ୍କାରେ ହେବ ସର୍କିଟ୍ ହାଉସ

**ବରଗଡ଼ ଅଫିସ୍, ୧୯।୭:** ବରଗଡ଼ରେ ଏକ ନୂତନ ସର୍କିଟ୍ ହାଉସ ନିର୍ମାଣ ହେବ। ୧୦କୋଟି ଟଙ୍କା ବ୍ୟୟ ଅଟକଳରେ ଏହାକୁ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ବିଜୟ କୁମାର ମଲ୍ଲିକ ତାଙ୍କ ପତ୍ରସଂଖ୍ୟା-୨୩୮୭୬ ତା-୧୯।୭।୨୨ରିଖରେ ସୂଚନା ଦେଇ ମୁଖ୍ୟଯନ୍ତ୍ରୀ(ବିଲ୍ଡିଂ) ଭୁବନେଶ୍ୱରଙ୍କୁ ଲେଖି ଜଣାଇଛନ୍ତି। ନୂତନ ସର୍କିଟ୍ ହାଉସର ନିର୍ମାଣ ପ୍ରକ୍ରିୟା ଶୀଘ୍ର ଆରମ୍ଭ କରାଯିବ ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

### ଚାରାରୋପଣ, ସଚେତନତା ରାଲି



ଛାତ୍ରୀମାନେ ଚାରା ରୋପଣ କରୁଛନ୍ତି।

**ଡୁଙ୍ଗୁରିପାଲି, ୧୯।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ତରଫରୁ ଚାରା ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯୁଧିଷ୍ଠିର ରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଜବନ୍ଧ ସିଆରସିସି ନରେନ୍ଦ୍ର ପୁରୋହିତ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ କଳାକାହ୍ନୁ ରଣା, କଳା ଶିକ୍ଷକ ଶଙ୍କର ପ୍ରସାଦ ଭୋଇ, ବିଜ୍ଞାନ ଶିକ୍ଷୟିତ୍ରୀ ପଦ୍ମାବତୀ ହାତୀ ଚାରାରୋପଣର ଉପକାରିତା, ପ୍ରଣାଳୀ ଓ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ସଚେତନତା ରାଲି ମାଧମରେ ଲୋକଙ୍କୁ ସଚେତନ କରାଯାଇଥିଲା। ପରେ ରାସ୍ତାକଡ ଓ ବିଦ୍ୟାଳୟ ପରିସରରେ ଆମ୍ବ, ବର, ଜାମୁ, ଦେବଦାରୁ ଏବଂ ବିଭିନ୍ନ ପ୍ରକାର ଫୁଲଗଛ ରୋପଣ କରାଯାଇଥିଲା। ଅଫିସ ସହାୟକ ସୁବାସ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ହୃଦ୍‌ଘାତରେ ଯନ୍ତ୍ରୀଙ୍କ ପରଲୋକ

**ବରଗଡ଼ ଅଫିସ୍, ୧୯।୭:** ବରଗଡ଼ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ସୁଦର୍ଶନ ସ୍ୱାଇଁଙ୍କ ମଙ୍ଗଳବାର ହୃଦଘାତରେ ପରଲୋକ ହୋଇଛି। ତାଙ୍କୁ ୫୫ବର୍ଷ ହୋଇଥିଲା। ନିକଟରେ ସେ ସହକାରୀ ଯନ୍ତ୍ରୀକୁ ପଦୋନ୍ନତି ପାଇଥିଲେ। ବରଗଡ଼ ସ୍ଥିତ ବାସଭବନରେ ଥିବାବେଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ସ୍ଥାନୀୟ ଏକ ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ସ୍ୱର୍ଗତ ସ୍ୱାଇଁ ଗଞ୍ଜାମ ଜିଲା ଭଞ୍ଜନଗରର ମୂଳ ବାସିନ୍ଦା ଅଟନ୍ତି। ତାଙ୍କ ମୃତ୍ୟୁରେ ବ୍ଲକ କାର୍ଯ୍ୟାଳୟରେ ଏକ ଶୋକସଭା ହୋଇଥିଲା। ବିଡ଼ିଓ ଯୁଧିଷ୍ଠିର ମେହେର, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ଏବଂ ଅନ୍ୟ ବ୍ଲକ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।




ନବନିର୍ମାଣ କୃଷକ ସଂଗଠନର ବନ୍ଦ ଯୋଗୁ ମଙ୍ଗଳବାର ସୋନପୁର ବସ୍‌ଷ୍ଟାଣ୍ଡ ଖାଁ ଖାଁ ।



ସୋନପୁରରେ ଆନ୍ଦୋଳନକାରୀମାନେ ବିଚାରପତିଙ୍କୁ କୋର୍ଟ ପରିସରକୁ ଯିବାକୁ ବାରଣ କରୁଛନ୍ତି।

# ରୁଚିକାଙ୍କୁ ନ୍ୟାୟ ଦାବିରେ ସୁବର୍ଣ୍ଣପୁର ବନ୍ଦ

**ସୋନପୁର, ୧୯।୭(ନି.ପ୍ର.)**

**ବୀରମହାରାଜପୁର, ତରଭା, ଉଲୁଣ୍ଡା, ବିନିକା ଓ ଡୁଙ୍ଗୁରିପାଲିରେ ବନ୍ଦ ପ୍ରଭାବ ହୀନ**

ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦାବିରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ଓଡିଶା ବନ୍ଦ ଡାକରା ସୁବର୍ଣ୍ଣପୁରରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହେଇଛି। ଜିଲା ସଦର ମହକୁମାରେ ସ୍କୁଲ, କଲେଜ, ଦୋକାନ ବଜାର, କୋର୍ଟ କଚେରି, ବ୍ୟାଙ୍କ୍, ପୋଷ୍ଟ ଅଫିସ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ସୁବର୍ଣ୍ଣପୁରରେ ନବନିର୍ମାଣ କୃଷକ ସଂଗଠନର ଅନୁରୋଧକ୍ରମେ ବନ୍ଦକୁ ଜିଲା ବ୍ୟବସାୟୀ ସଂଘ, ବସ୍ ମାଲିକ ସଂଘ ଓ ଓକିଲ ସଂଘ ସମର୍ଥନ ଜଣାଇଥିଲା। ନବନିର୍ମାଣ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ପିକେଟିଂ କରି ଦୋକାନ ବଜାର ଓ ରାସ୍ତାଘାଟ ବନ୍ଦ କରିଥିଲେ। ଧର୍ମଘଟ ଯୋଗୁଁ ଯାତାୟତ ପ୍ରଭାବିତ ହୋଇଥିଲା। ତେବେ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଯାନଗୁଡିକୁ ଧର୍ମଘଟରୁ ବାଦ୍ ଦିଆ ଯାଇଥିଲା। ନବନିର୍ମାଣ ଛାତ୍ର ସଂଗଠନର ବ୍ରଜ ବିହାରୀ ବିଶି, ପ୍ରଦ୍ୟୁମ୍ନ ପାଢୀ, ସୋନାଲି ବିଶି, ଶ୍ରୀଚନ୍ଦନ ନାୟକ, କୃଷ୍ଣଚନ୍ଦ୍ର ବେହେରା ଓ କିରଟି ପଧାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ରୁଚିକା ଆତ୍ମହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସର ବିଫଳତା, ଆନ୍ଦୋଳନରତ ରୁଚିକାଙ୍କ ମାଙ୍କ ଉପରେ ପୋଲିସ ବର୍ବରୋଚିତ ବ୍ୟବହାର, ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା କଲେଜ ଅଧ୍ୟକ୍ଷ, ସୁପରିଣ୍ଟେଣ୍ଡେଣ୍ଟ ଓ ୱାର୍ଡେନଙ୍କୁ ବହିଷ୍କାର କରିବା ପାଇଁ ସଂଗଠନ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। କଂଗ୍ରେସ ଦଳ ଏହି ଆନ୍ଦୋଳନକୁ ନୈତିକ ସମର୍ଥନ ଜଣାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ବରିଷ୍ଠ ନେତା ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା ଓ ମାଧବ କୁମ୍ଭାର ଆନ୍ଦୋଳନରେ ସହଯୋଗ କରିଥିଲେ। ତେବେ ବୀରମହାରାଜପୁର, ତରଭା, ଉଲୁଣ୍ଡା, ବିନିକା ଓ ଡୁଙ୍ଗୁରିପାଲିରେ ବନ୍ଦର ପ୍ରଭାବ ଅନୁଭୂତ ହୋଇ ନ ଥିଲା। ଶିକ୍ଷାନୁଷ୍ଠାନ ଓ ଯାନବାହାନ ଚଳାଚଳ ବନ୍ଦ ରହିଥିବା ବେଳେ ଗ୍ରାମାଞ୍ଚଳରେ ଦୋକାନ ବଜାର ଓ ସରକାରୀ ଅଫିସ ଖୋଲା ରହିଥିଲା।

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ବିଫଳ, ଅଭିଯୁକ୍ତ ଗିରଫ

**ଅତାବିରା/ସରଣ୍ଡା, ୧୯।୭(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଆର୍‌ଏମ୍‌ସି କମ୍ପ୍ଲେକ୍ସ ପରିସରରେ ଥିବା ଡିସିବି ବ୍ୟାଙ୍କର ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ସୋମବାର ମଧ୍ୟରାତ୍ରିରେ ଏଟିଏମ୍‌କୁ ଭାଙ୍ଗୁଥିବାବେଳେ ପୋଲିସ ସେଠାକୁ ପହଞ୍ଚି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅତାବିରା ଥାନା ରେଙ୍ଗାଲିକ୍ୟାମ୍ପ ଇନ୍ଦ୍ରପଡ଼ା ନିବାସୀ ଆଦିତ୍ୟ ଓରଫ୍ କ୍ଷୀରୋଦ ନାୟକ(୨୨)। ତାଙ୍କଠାରୁ ବ୍ୟବହୃତ ଗୋଟିଏ ଲେଖାଏ ଶାବଳ, କୋଦାଳ, ପ୍ଲାସ୍, ହେଲମେଟ୍ ଏବଂ ବାଇକ୍ (ନଂ.ଓଡ଼ି୧୭ଟି/୨୩୪୨) ଜବତ ହୋଇଛି। ଏ ନେଇ ଅତାବିରା ଥାନାରେ ଦଫା ୪୫୭, ୩୮୦, ୫୧୧ ଆଇପିସିରେ ଏକ ମାମଲା (ନଂ.୨୫୪/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ଉକ୍ତ ଏଟିଏମ୍‌କୁ କେହି ଜଣେ ଭାଙ୍ଗୁଥିବା ନେଇ ସୋମବାର ରାତି ପ୍ରାୟ ୧୨ଟା ୦୫ମିନିଟରେ ଅତାବିରା ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଆଇଆଇସି ଏ. କେ. ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଏଟିଏମ୍ ନିକଟରେ ପହଞ୍ଚିଥିଲା। ଏହି ସମୟରେ ଅଭିଯୁକ୍ତ ଆଦିତ୍ୟ ଫେରାର୍ ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୋଡ଼ାଇ ତାଙ୍କୁ ଧରିଥିଲା। ଏଟିଏମ୍‌ରେ ଥିବା ୭ଲକ୍ଷ ୭୯ହଜାର ୬ଶହ ଟଙ୍କା ସୁରକ୍ଷିତ ରହିପାରିଛି ବୋଲି ପୋଲିସ ସୂଚନା ଦେଇଛି।




ପୌର ପରିଷଦ ପକ୍ଷରୁ ଭିଜନ କ୍ଲିନ ସୁବର୍ଣ୍ଣପୁର ପରିପ୍ରେକ୍ଷୀରେ ନୂତନ ଟାଉନ ହଲରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଜିଲାପାଳ, ପୌରାଧକ୍ଷା ଓ ଅଧିକାରୀବୃନ୍ଦ।

## ବିକାଶ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

**ବରଗଡ଼ ଅଫିସ୍, ୧୯।୭**

ବରଗଡ଼ର ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ଜଣେ ମହିଳାଙ୍କ ସଫଳ ବିରଳ ଅସ୍ତ୍ରୋପଚାର ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଗତ ୭ତାରିଖରେ ଜଣେ ୭୨ବର୍ଷୀୟା ମହିଳା ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲରେ ଭର୍ତ୍ତି ହେବାର ୩ଦିନ ପୂର୍ବରୁ ତାଙ୍କର ବାନ୍ତି ସମସ୍ୟା ଲାଗି ରହିଥିଲା। ଫଳରେ ସେ ଖାଦ୍ୟ ଖାଇବାରେ ଅସୁବିଧା ଅନୁଭବ କରିବା ସହିତ ତାଙ୍କ ଶରୀର ଦୁର୍ବଳ ହେବାରେ ଲାଗିଥିଲା। ହସ୍ପିଟାଲରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବା ପରେ ସମ୍ପୃକ୍ତ ମହିଳାଙ୍କ ଖାଦ୍ୟ ହଜମ କରିବାରେ ସହାୟକ ଗ୍ରନ୍ଥିରୁ ରସ ନିର୍ଗତ ହେବାରେ ବାଧା ଥିବା ଯୋଗୁ ସେହି ସମସ୍ୟା ଲାଗି ରହିଥିବା ଜାଣି ପାରି ଡାକ୍ତରମାନେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ।

ତେବେ ଅସ୍ତ୍ରୋପଚାର ପୂର୍ବରୁ ତାଙ୍କ ହାର୍ଟ ଦୁର୍ବଳ ଥିବା ଜଣାପଡ଼ିଥିଲା। ଇକୋ ଟେଷ୍ଟରେ ଇ.ଏଫ୍ ୨୫ପ୍ରତିଶତ ଥିଲା। ଏହି ପରିସ୍ଥିତିରେ ଯେକୌଣସି ମୁହୂର୍ତ୍ତରେ ରୋଗୀଙ୍କର କାର୍ଡ଼ିଆକ୍ ଆରେଷ୍ଟ ସମ୍ଭାବନା ଥାଏ ବୋଲି ଅସ୍ତ୍ରୋପଚାର କରିଥିବା ଡାକ୍ତରମାନେ କହିଛନ୍ତି। ଅନ୍ୟପଟେ ଡା. ସୁଶାନ୍ତ ମେହେର, ନିଶ୍ଚେତକ ଡା. ତତ୍ତ୍ୱଦର୍ଶୀଙ୍କ ସାହୁଙ୍କ ତତ୍ତ୍ୱାବଧାନରେ ମହିଳାଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିଲା ଏବଂ ସେ ସୁସ୍ଥ ହୋଇ ଗତ ୧୫ତାରିଖରେ ଉକ୍ତ ହସ୍ପିଟାଲରୁ ଡିସଚାର୍ଜ ହୋଇଥିବା ସୂଚନା ଦିଆଯାଇଛି। ଏହା ଏକ ବିରଳ ଅସ୍ତ୍ରୋପଚାର ହୋଇଥିବାରୁ ଅସ୍ତ୍ରୋପଚାରରେ ସାମିଲ ଥିବା ଡାକ୍ତରମାନଙ୍କୁ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ପକ୍ଷରୁ ସାଧୁବାଦ ଜଣାଯାଇଛି।



ସଫଳ ଅସ୍ତ୍ରୋପଚାର କରିଥିବା ଡାକ୍ତରମାନେ।

## ଭିଜନ କ୍ଲିନ ସୁବର୍ଣ୍ଣପୁର ପାଇଁ ଗୁରୁତ୍ୱ

**ସୋନପୁର, ୧୯।୭(ନି. ପ୍ର)**

ପୌର ପରିଷଦ ପକ୍ଷରୁ ଭିଜନ କ୍ଲିନ ସୁବର୍ଣ୍ଣପୁର ପରିପ୍ରେକ୍ଷୀରେ ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ନିମନ୍ତେ ଏହି ସଚେତନତା ବୈଠକ ନୂତନ ଟାଉନ ହଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଯୋଜନାକୁ ବାସ୍ତବ ରୂପ ଦେବା ନିମନ୍ତେ ସହରକୁ ସ୍ୱଚ୍ଛ ସୁନ୍ଦର ତଥା ପରିଷ୍କାର ପରିଚ୍ଛନ୍ନ ରଖିବା ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ଜିଲାପାଳ କହିଥିଲେ । ସମସ୍ତେ ନିଜ ପାରିପାର୍ଶ୍ୱକୁ ସ୍ୱଚ୍ଛ, ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଆଗ୍ରହ ଦେଖାଇବା ସହିତ ଆନ୍ତରିକ ଯତ୍ନବାନ ହେବାକୁ ଜିଲାପାଳ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସ୍ୱଚ୍ଛତା ସମ୍ପର୍କରେ ଅନ୍ୟ ବଡ଼ ସହରର ଉଦାହରଣ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜନସାଧାରଣଙ୍କୁ ଆବର୍ଜନା ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ପିଡି ଡ଼ିଆରଡିଏ ନିହାର ରଞ୍ଜନ କହଁର ବୈଠକରେ ଯୋଗଦେଇ ଭିଜନକୁ ସାକାର କରିବାକୁ ସହରବାସୀ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ପୌରପରିଷଦ ଅଧକ୍ଷା ତମସୀ ତାମସ୍ମିତା ନାଏକ, ପରିବହନ ଅଧିକାରୀ ରବୀନ ପଟ୍ଟନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରମଣି ହାଁସଦା ନିଜ ବକ୍ତବ୍ୟରେ ସ୍ୱଚ୍ଛତା ପାଇଁ ସମସ୍ତେ ଯତ୍ନବାନ ସହ ନିଜ ସ୍ତରରେ ଆନ୍ତରିକତାର ସହିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟରତ କର୍ମଚାରୀ ଓ କାଉନସିଲର ନିଜର ଅଭିଜ୍ଞତା ସମ୍ପର୍କରେ କହିଥିଲେ। ବୈଠକରେ ପୂର୍ବତନ କାଉନସିଲର, ବର୍ତ୍ତମାନର କାଉନସିଲର, ବୁଦ୍ଧିଜୀବୀ, ସଚେତନ ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଜିଲାସ୍ତରୀୟ ଅଧିକାରୀ ଓ ପୌର ପରିଷଦ କର୍ମଚାରୀ ଯୋଗ ଦେଇଥିଲେ। ମିଶନ ଶକ୍ତିର ଜିଲା ସଂଯୋଜକ କାର୍ତ୍ତିକ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିବରାମ ସାହୁ ବୈଠକରେ ସଂଯୋଜନା କରିଥିଲେ।

### ରେଳ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତା ମରଣଯନ୍ତା

**ବରପାଲି, ୧୯।୭(ଡି.ଏନ.ଏ.)**

ବରଗଡ଼ ଜିଲା ବରପାଲି ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଅଧାରେ ପଡ଼ି ରହିଥିବା ବେଳେ ବ୍ରିଜ୍ ପାର୍ଶ୍ୱ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ବ୍ରିଜ୍‌ର ଦୁଇ ପାର୍ଶ୍ୱ ରାସ୍ତା ଆବଡାଖାବଡା ହେବା ସହ ସ୍ଥାନେ ସ୍ଥାନେ ବିରାଟ ଖାଲ ହୋଇଛି। ସାମାନ୍ୟ ବର୍ଷା ହେଲେ ଖାଲରେ ପାଣି ଜମି ରହୁଥିବାରୁ ବାଇକ୍ ଚାଳକମାନେ ସେଥିରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାରେ ନୂଆ ମାଟି ପଡ଼ିଥିବାରୁ ଯାନବାହନ ମାଟିରେ ଫଶି ଯାଉଛନ୍ତି। ମଙ୍ଗଳବାର ଉକ୍ତ ରାସ୍ତାରେ ଏକ ସ୍କୁଲ ଭ୍ୟାନ ଦବି ଯିବାରୁ ଛାତ୍ରୀଛାତ୍ରମାନେ ଉକ୍ତ ଗାଡ଼ିକୁ ଠେଲୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୂ-ଜଳ ପରିଚାଳନାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍, ୧୯।୭**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ମଙ୍ଗଳବାର ଭୂ-ଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ, ଜଳ ସଂସାଧନ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ଅଧୀନ କେନ୍ଦ୍ରୀୟ ଭୂ-ଜଳ ପରିଷଦ ଆନୁକୂଲ୍ୟରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା ସଭାପତିତ୍ୱ କରିଥିଲେ। କେନ୍ଦ୍ରୀୟ ଭୂ-ଜଳ ପରିଷଦ ଭୁବନେଶ୍ୱରର ବୈଜ୍ଞାନିକ ସୁଧାଂଶୁ କୁମାର ମହାନ୍ତି, ରାଜୀବ କୁମାର ତ୍ରିପାଠୀ ଯୋଗଦେଇ ଭୂ-ଜଳର ସ୍ଥିତି, ଗୁଣବତ୍ତା ଏବଂ ପରିଚାଳନା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ପଣ୍ଡା, ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଭିମସେନ ସେଠୀ, ସହକାରୀ କୃଷି ନିର୍ଦ୍ଦେଶକ ରବି ନାରାୟଣ ସେନାପତି, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଭୂ-ଜଳ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଜିଲାର ଶତାଧିକ ଚାଷୀ ଯୋଗ ଦେଇଥିଲେ।




ଭୂ-ଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀବୃନ୍ଦ।

## ରାଧାକୃଷ୍ଣ ମନ୍ଦିରରୁ ଚୋରି ଘଟଣା: ଯୁବକ ଗିରଫ

**ଡୁଙ୍ଗୁରିପାଲି, ୧୯।୭(ଡି.ଏନ.ଏ.)**

- ଚୋରି ସାମଗ୍ରୀ ଉଦ୍ଧାର
- କିଣିଥିବା ୨ଦୋକାନୀଙ୍କୁ ବି ବାନ୍ଧିଲା ପୋଲିସ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଏଫସିଆଇ ନିକଟରେ ଥିବା ରାଧାକୃଷ୍ଣ ମନ୍ଦିର ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମନ୍ଦିରରୁ ଚୋରି କରିଥିବା ବରଗଡ ଜିଲା ବରପାଲି ଥାନା ସତଲମା ଗ୍ରାମର ରାଜୀବ ତ୍ରିପାଠୀ(୩୬) ଏବଂ ଚୋରି ସାମଗ୍ରୀ କିଣିଥିବା ବରପାଲିର ଅଶୋକ ପାତ୍ର(୪୦) ଓ ମନୋରଞ୍ଜନ ସାହୁ (୫୯)। ଏଥିସହିତ ମନ୍ଦିରରୁ ଚୋରି ବିଭିନ୍ନ ସାମଗ୍ରୀ ଜବତ କରିଛି ପୋଲିସ। ଡୁଙ୍ଗୁରିପାଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ।

ସୂଚନା ଅନୁସାରେ ଗତ ୧୫ତାରିଖ ଶୁକ୍ରବାର ରାତିରେ ମନ୍ଦିରରୁ ଚୋରି ହୋଇଥିଲା। ଶନିବାର ମନ୍ଦିର ପୂଜକ ଚିନ୍ତାମଣି ମିଶ୍ର ଏନେଇ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମନ୍ଦିର ଶିକୁଳି ଭାଙ୍ଗି ଚୋରମାନେ ରାଧାକୃଷ୍ଣଙ୍କ ମୂର୍ତ୍ତି, ରାଧାମୂର୍ତ୍ତିରେ ପିନ୍ଧା ହୋଇଥିବା ସୁନାଚେନ, କାନଫୁଲ, ରୁପା ପାୟଲ, ୨ଟି ଘଣ୍ଟ, ଗୋଟିଏ ଘଣ୍ଟ, ହାତ ଘଣ୍ଟା, ୩ ପିତଳ ଥାଳି, ୨ଟି ପିତଳ ବାଲଟି, ଗୋଟିଏ ଗଡ଼ୁ, କୃଷ୍ଣଙ୍କ ରୁପା ବଂଶୀ, ସୁନା କୁଣ୍ଡଳ, ୨ଟି ରୁପା ମୁକୁଟ, ଦାନବାକ୍ସ ହୁଣ୍ଡି ଆଦି ଚୋରି କରି ନେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତନାଘନା ଚଳାଇଥିଲା। ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ କରି ସତଲମାର ରାଜୀବ ତ୍ରିପାଠୀଙ୍କୁ ପୋଲିସ ଉଠାଇ ଆଣିଥିଲା। ପଚରାଉଚରା ପରେ ଚୋରି ଘଟଣାରେ ରାଜୀବ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ରାଜୀବ ଚୋରି ସାମଗ୍ରୀଗୁଡିକୁ ସୁନା ଦୋକାନୀ ଅଶୋକ ଏବଂ କଂସା ବାସନ ଦୋକାନୀ ମନୋରଞ୍ଜନଙ୍କୁ ବିକ୍ରି କରିଥିବା କହିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କଠାରୁ ମନ୍ଦିରରୁ ଚୋରି ସମଗ୍ରୀକୁ ଜବତ କରାଯାଇଥିଲା। ରାଜୀବଙ୍କ ନାଁରେ ବିଜେପୁର ଥାନାରେ ଏକ ମନ୍ଦିର ଲୁଟ୍ ଘଟଣା ଓ ବରପାଲି ଥାନାରେ ମୋବାଇଲ ଚୋରି ମାମଲା ଥିବା ଥାନା ଅଧିକାରୀ ପଧାନ କହିଥିଲେ। ଏକ ମାମଲା(୧୪୯/୨୨) ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଚୋରିର ତିନିଦିନ ମଧରେ ଘଟଣାର ପର୍ଦ୍ଦାଫାଶ କରାଯାଇଥିବା ଥାନା ଅଧିକାରୀ ପଧାନ କହିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିଛି।

## ଅଗଷ୍ଟ ୧ରେ ସମ୍ବଲପୁରୀ କୁଇଜ୍

**ସମ୍ବଲପୁର (ବ୍ୟୁରୋ):** ସମ୍ବଲପୁରୀ ଭାଷା ପରିଷଦ ପକ୍ଷରୁ ସମ୍ବଲପୁର ଦିନ୍ ସକାଶେ ଆସନ୍ତା ୧ ତାରିଖରେ ସମ୍ବଲପୁରୀ କୁଇଜ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ହେବ । ଏଥିରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରାଛାତ୍ରୀମାନେ ଭାଗ ନେଇ ପାରିବେ । କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ହେବ । କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବଲପୁରୀ ଦିନ ମଞ୍ଚରେ ପୁରସ୍କୃତ କରାଯିବ ବୋଲି ମଙ୍ଗଳବାର ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସଂପାଦକ ପ୍ରଶାନ୍ତ କୁମାର ପାଢୀଯୋଷୀ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ: ୩ ଗିରଫ

ରାଉରକେଲା ଅଫିସ,୧୯।୭

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗାନ୍ଧୀ ରୋଡ୍ ଅଞ୍ଚଳରେ ଗଞ୍ଜେଇ ଚାଲାଣ ବେଳେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀକାନ୍ତ ଦାସ(୨୮), ଅମୀୟ ରାଉତ(୩୪) ଓ ପିଣ୍ଟୁ ସାଗର(୩୩)। ସେମାନଙ୍କଠାରୁ ସ୍କୁଟି ଓ ୨୧ କେ.ଜି ଗଞ୍ଜେଇ ଭର୍ତ୍ତି ଦୁଇଟି ବ୍ୟାଗ ଜବତ କରାଯାଇଛି। ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୩।୨୨) ରୁଜୁ କରିଛି। ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଶାରଳା ମାର୍କେଟ ଅଞ୍ଚଳର ଅମୀୟ, ଶ୍ରୀକାନ୍ତ ଓ ପିଣ୍ଟୁ ସୋମବାର ରାତି ସାଢ଼େ ୧ଟାରେ ଏକ ସ୍କୁଟିରେ ଉକ୍ତ ଗଞ୍ଜେଇ ନେଇ ରାଉରକେଲା ବିଶ୍ରା ବସ୍ଷ୍ଟାଣ୍ଡକୁ ଯାଇଥିଲେ। ସେଠାରେ ବସ୍ ଯୋଗେ ରାଞ୍ଚିକୁ ଗଞ୍ଜେଇ ଚାଲାଣ କରୁଥିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।

### ନାଗ୍ରା ତନ୍ତୀ ସମାଜ ବୈଠକ

**ରାଉରକେଲା ଅଫିସ,୧୯।୭:** ରାଉରକେଲା ସେକ୍ଟର-୧୬ ସ୍ଥିତ ନାଗ୍ରା ତନ୍ତୀ ସମାଜ କାର୍ଯ୍ୟାଳୟରେ ମଙ୍ଗଳବାର ସାଧାରଣ ସମ୍ପାଦକ ମଦନାନନ୍ଦ ତନ୍ତୀ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଗୋବିନ୍ଦ ତନ୍ତୀ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ନାଗ୍ରା ତନ୍ତୀ ସମାଜର ବିଭିନ୍ନ ସମସ୍ୟା ଓ ଉନ୍ନତି ବିଷୟରେ ଆଲୋଚନା ହୋଇଥିଲା। ପରେ ନୂତନ ସଭାପତି ଭାବେ ଭାଗବତିଆ ତନ୍ତୀ ଓ ସାଧାରଣ ସମ୍ପାଦକ ଭାବେ ସୁନିଲ କୁମାର ବାଗ୍ବାଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସର୍ବେଶ୍ୱର ଜମକିଆର ଧନ୍ୟବାଦ ଅର୍ପଣ କରିଥିଲେ।

### ଇନ୍ଷ୍ଟାଗ୍ରାମରେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ନେଇ ଯୁବକ ଗିରଫ

**ଝାରସୁଗୁଡା ଅଫିସ,୧୯।୭:** ଗତ ୨୦୨୧ ମସିହାରେ ଜଣେ ନାବାଳିକାଙ୍କ ଫଟୋକୁ ଏଡିଟିଂକରି ଇନଷ୍ଟାଗ୍ରାମରେ ଭାଇରାଲ କରିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ପୋଲିସ ବରଗଡ଼ର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବରଗଡ଼ ଜିଲା ବାଡୁଟିକ୍ରା ଗ୍ରାମର ଅଭିଲାଷ ତାଣ୍ଡି(୧୯)। ଏନେଇ ପୋଲିସ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୮୯/୨୧) ରୁଜୁକରି ତଦନ୍ତ ଚଳାଇଥିବାବେଳେ ଘଟଣାର ବର୍ଷେ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ତଦନ୍ତକାରୀ ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କହିଛନ୍ତି, ବର୍ଷେ ତଳେ ଅଭିଯୁକ୍ତ ଜଣଙ୍କ ବ୍ରଜରାଜନଗର ଅଞ୍ଚଳର ଜଣେ ନାବାଳିକାଙ୍କୁ ଫେସବୁକରେ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଏହାକୁ ନାବାଳିକା ଜଣଙ୍କ ଅଗ୍ରାହ୍ୟ କରିଥିଲେ। ଏଥିରେ ଯୁବକ ଜଣକ ପ୍ରତିଶୋଧ ପରାୟଣ ହୋଇ ନାବାଳିକାଙ୍କ ଫଟୋକୁ ଏଡିଟିଂରେ ଅଶ୍ଳିଳ କରି ଇନଷ୍ଟାଗ୍ରାମରେ ଅଶ୍ଳୀଳ ଫଟୋ ଭାଇରାଲ କରିଥିଲେ। ଏହାକୁ ନାବାଳିକାଙ୍କ ଭାଇ ବିରୋଧ କରିଥିଲେ। ଏଥିରେ ସମ୍ପୃକ୍ତ ଯୁବକ ଜଣଙ୍କ ପୁଣି ପ୍ରତିଶୋଧ ପରାୟଣ ହୋଇ ନାବାଳିକାଙ୍କ ଭାଇଙ୍କ ଫଟୋକୁ ଏଡିଟିଂକରି ପୁଣି ସେ ଭାଇରାଲ କରିଥିଲେ। ଏନେଇ ସମ୍ପୃକ୍ତ ନାବାଳିକାଙ୍କ ଭାଇ ପୋଲିସରେ ଅଭିଯୋଗ କରିଥିଲେ।



ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଦେବାହାଲି ଗ୍ରାମରେ ପିଲାମାନେ କାନ୍ଧରେ ବସି ନଦୀପାର ହେଉଛନ୍ତି ।

# ଅଭିଭାବକଙ୍କ କାନ୍ଧରେ ସ୍କୁଲ ଯାଉଛନ୍ତି ପିଲା

**ନଦୀ ସାଜିଛି ପ୍ରତିବନ୍ଧକ**

■ ସମ୍ବେଦନଶୀଳ ଘଟଣା, ପଦକ୍ଷେପ ନିଆଯିବ: ଜିଲାପାଳ

ସମ୍ବଲପୁର,୧୯।୭(ବ୍ୟୁରୋ)

ପ୍ରତ୍ୟେକ ମା' ବାପା ପିଲାମାନଙ୍କୁ ପାଠ ପଢାଇ ବଡ଼ମଣିଷ କରିବାକୁ ସ୍ୱପ୍ନ ଦେଖନ୍ତି । ଏଥିପାଇଁ ନା ନା ଝଡଝଞ୍ଜା ସହିବା ସହ ଜୀବନକୁ ବାଜି ଲଗାଇବାକୁ ପଛାଇ ନ ଥାନ୍ତି । ହେଲେ ଶିକ୍ଷା ପାଇଁ ଶିଶୁଙ୍କ ଜୀବନ ଏବେ ବିପଦ ମୁହଁରେ । ଏପରି ଘଟଣା ଏବେ ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବଡମାଲ ପଞ୍ଚାୟତ ଦେବାହାଲି ଗ୍ରାମରେ ଦେଖିବାକୁ ମିଳିଛି। ବର୍ଷାଦିନେ ଗ୍ରାମର ହରିହର ନଦୀ (ଯୋର) ଯୋଗୁ ନଦୀର ଅପରପାର୍ଶ୍ୱକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥାଏ। ତେଣୁ ଗ୍ରାମର କୁନି କୁନି ପିଲାମାନଙ୍କୁ ଅଭିଭାବକମାନେ କାନ୍ଧରେ କାନ୍ଧେଇ ଅଙ୍ଗନୱାଡି ଓ ପ୍ରାଥମିକ ସ୍କୁଲକୁ ନଦୀ ପାରି ହୋଇ ଯାଉଥିବା ଦେଖିବାକୁ ମିଳୁଛି। ଏହି ଘଟଣା ବିକାଶର ବାସ୍ତବ ଚିତ୍ରକୁ ପଦାରେ ପକାଇ ଦେଇଛି । ଅଭିଭାବକ ଦେବକୀ ଭୋଇ କହିଛନ୍ତି ଯେ, ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ସ୍କୁଲ ନାହିଁ । ନଦୀର ଅପରପାର୍ଶ୍ୱରେ ରହିଛି ଅନ୍ୟ ପଞ୍ଚାୟତ ଭାଲିଆକଟା । ସେଠାରେ ବୁଢିଖମାର ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ସ୍କୁଲ ରହିଛି । ତେଣୁ ନଦୀପାର ହୋଇ ପିଲାଙ୍କୁ ସ୍କୁଲକୁ ନେବାକୁ ପଡିଥାଏ । ଖରା ଦିନରେ ନଦୀପାର ହେବାରେ କୌଣସି ସମସ୍ୟା ହୋଇ ନ ଥାଏ । ହେଲେ ବର୍ଷାଦିନରେ ନଦୀରେ ପାଣି ପ୍ରବାହିତ ହେଉଥିବାରୁ ବିପଦ ରହିଛି' । କିନ୍ତୁ ସ୍କୁଲ ଯିବାକୁ ହେଲେ ନଦୀପାର ହୋଇଯିବା ଏକମାତ୍ର ମାଧ୍ୟମ । ତେଣୁ ଜୀବନକୁ ବାଜି ଲଗାଇ ନଦୀ ପାର ହୋଇ ସ୍କୁଲକୁ ନେବାକୁ ଓ ଆଣିବାକୁ ପଡୁଛି । ଅଧିକ ବର୍ଷା ହୋଇ ନଦୀ ବଢିଲେ ସେଦିନ ପିଲାଙ୍କ ସ୍କୁଲ ଛୁଟି ହୋଇ ଯାଇଥାଏ । ସେହିପରି ଭରତ କୁମାର ଧରୁଆ କହିଛନ୍ତି, ପିଲାଙ୍କୁ ନଦୀ ପାରି କରି ନ ହେବାରୁ ମଙ୍ଗଳବାର ସ୍କୁଲ ଛୁଟି ହୋଇଛି । ନଦୀରେ ଛାତିଏ ଉଚ୍ଚର ପାଣି ଚାଲିଛି । ନଦୀ ପାର ହେବା ସମ୍ଭବ ହେଲାନି । ଏନେଇ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ଭୋଟ ପ୍ରଚାରରେ ଆସିଥିବା ସମୟରେ ଅବଗତ କରିଥିଲୁ । ସେ ଏନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ନଦୀରେ ପୋଲ ହୋଇପାରିଲା ନାହିଁ । ସରକାରଙ୍କ ଯୋଜନା ଆମ ପାଖରେ ପହଞ୍ଚି ପାରୁନାହିଁ ବୋଲି କ୍ଷୋଭର ସହ କହିଥିଲେ । ଏ ସମ୍ପର୍କରେ ଜିଲାପାଳ ଅନନ୍ୟା ଦାସ କହିଛନ୍ତି ଯେ, ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ବାସ୍ତବରେ କ'ଣ ସମସ୍ୟା ହୋଇଛି ତଦନ୍ତ କରାଯିବ । ସ୍ଥାନୀୟ ଉପଜିଲାପାଳ ଘଟଣାସ୍ଥଳକୁ ଯାଇ ରିପୋର୍ଟ ଦାଖଲ କରିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# ଜେଲ ଗଲେ ଆଇନଜୀବୀ ପଞ୍ଚାନନ ଦାସ

**ସ୍ତ୍ରୀ, ଶ୍ୱଶୁର, ଶଳାଙ୍କୁ ହତ୍ୟା ଉଦ୍ୟମ ଘଟଣା**

ସମ୍ବଲପୁର,୧୯।୭(ବ୍ୟୁରୋ)

କାର ଚଢାଇ ହତ୍ୟା ଉଦ୍ୟମ ଘଟଣାରେ ଆଇନଜୀବୀ ପଞ୍ଚାନନ ଦାସ (୩୮)ଙ୍କୁ ଟାଉନଥାନା ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ମଙ୍ଗଳବାର ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି । ଧାର୍ଯ୍ୟ ସମୟ ଅନୁସାରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଜାମିନ ପାଇଁ ଅଭିଯୁକ୍ତଙ୍କ ପକ୍ଷରୁ ଆବେଦନ ହୋଇଥିଲା । ହେଲେ କୋର୍ଟ ଜାମିନ ଆବେଦନ ନାମଞ୍ଜୁର କରି ଦେଇଥିଲେ । ସୂଚନାଯୋଗ୍ୟ , ସୋମବାର ପୂର୍ବାହ୍ନ ୧୧ ଟା ସମୟରେ ଏସ୍‌ପି ଅଫିସ ସମ୍ମୁଖରେ ଅଭିଯୁକ୍ତ ପଞ୍ଚାନନ ସ୍ତ୍ରୀ ଚିନ୍ମୟୀ, ଶ୍ୱଶୁର ରାମଚନ୍ଦ୍ର ଓ ଶଳା ସୌମ୍ୟଙ୍କୁ କାରରେ ଧକ୍କା ଦେଇ ହତ୍ୟା ଉଦ୍ୟମ କରିଥିଲେ। ଶଳା ଗୁରୁତର ଆହତ ହୋଇଥିବା ବେଳେ ସ୍ତ୍ରୀ ଚିନ୍ମୟୀ ଓ ଶ୍ୱଶୁର ରାମଚନ୍ଦ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ । ସ୍ଥାନୀୟ ଲୋକେ ଅଭିଯୁକ୍ତ ପଞ୍ଚାନନଙ୍କୁ କାବୁ କରି ନିସ୍ତୁକ ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ । କାର ଧକ୍କାରେ ଏସ୍‌ପିଙ୍କ ଆବାସିକ ପାଚେରୀ କାନ୍ଥ ଭାଙ୍ଗି ଯାଇଥିଲା । ଏନେଇ ପୋଲିସ ଅଭିଯୁକ୍ତ ପଞ୍ଚାନନଙ୍କୁ ଗିରଫ କରିବା ସହ ନଂ ୨୪୭/୨୨ରେ ମାମଲା ରୁଜୁ କରିଥିଲା ।

# ଦନ୍ତା ଭାଙ୍ଗିଲା ଘର

**ଦନ୍ତାକୁ ଘଉଡାଇବାରେ ଲାଗିଛି ବନ ବିଭାଗ**



ଦପକା ଗ୍ରାମର ବିରଞ୍ଚି କୁମୁରାଙ୍କ ଘର ଦନ୍ତା ଭାଙ୍ଗିଦେଇଛି।

ଝାରସୁଗୁଡା ଅଫିସ, ୧୯।୭

ଝାରସୁଗୁଡା ଜିଲା କୋଲାବିରା ବନରେଞ୍ଜ ଅଧିନ ପରମାଣପୁର ପଞ୍ଚାୟତ ଦପକା ଗ୍ରାମରେ ଗତ ସୋମବାର ରାତିରେ ଏକ ଦନ୍ତାହାତୀ ପଶି ଉପଦ୍ରବ କରିଛି। ଗ୍ରାମର ବିରଞ୍ଚି କୁମୁରାଙ୍କ ଘର ଭାଙ୍ଗି ପିଡିଏସ୍ ଚାଉଳ, ଗହମ ଆଦି ଖାଦ୍ୟଶସ୍ୟ ଖାଇଯାଇଛି। ଦନ୍ତାର ଉନ୍ମତକାଣ୍ଡରେ ଘରର କାନ୍ଥପଡି ଯାଇଯାଇଛି। ମାତ୍ର ବିରଞ୍ଚିଙ୍କ ପରିବାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଖବରପାଇ କୋଲାବିରା ରେଞ୍ଜର ଅଧିକାରୀମାନେ ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଗତ କିଛିଦିନ ହେଲା ଅଞ୍ଚଳରେ ଉପଦ୍ରବ ଚଳାଇଥିବା ଦନ୍ତାକୁ ଘଉଡାଇବା ପାଇଁ ଝାରସୁଗୁଡା ରେଞ୍ଜ, କୋଲାବିରା ରେଞ୍ଜ, ବାଗଡିହି ରେଞ୍ଜର ବନ ଅଧିକାରୀ ଓ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଏବେ ଦନ୍ତା ଦପକା ଜଙ୍ଗଲରେ ରହିଥିବାବେଳେ ତାକୁ ଘଉଡାଇ ନିକଟସ୍ଥ ବେଉରା ଜଙ୍ଗଲରେ ଛାଡିବା ପାଇଁ ବନବିଭାଗ ଉଦ୍ୟମ ଜାରି ରଖିଛି। ଦନ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏଦିଗରେ ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା କଂଗ୍ରେସ



କଂଗ୍ରେସ ନେତୃବୃନ୍ଦ ଏଡିଏମ୍‌ଙ୍କ ସହିତ ଆଲୋଚନା କରୁଛନ୍ତି।

ରାଉରକେଲା ଅଫିସ,୧୯।୭

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୬ ନଂ. ୱାର୍ଡର ଅଙ୍ଗନୱାଡି କେନ୍ଦ୍ରଗୁଡିକର ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୱାର୍ଡ ନଂ. ୬ରେ ଥିବା ୯ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ କେବଳ ରାମନଗର ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ଥିବାବେଳେ କେଶରୀ ନଗର ଓ ଶାନ୍ତି ନଗରରେ ୨ଟି କେନ୍ଦ୍ର ମହିଳା ସମିତି ଗୃହରେ ଚାଲିଛି ଏବଂ ଏହି ଅଙ୍ଗନୱାଡି କେନ୍ଦ୍ର ମରାମତି ଆବଶ୍ୟକ କରୁଛି ବୋଲି କଂଗ୍ରେସ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏଥିସହ ବିଭିନ୍ନ ବସ୍ତି ଅଞ୍ଚଳରେ ନାଳି ଅଭାବରୁ ବସ୍ତିବାସୀଙ୍କ ମଇଳା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି । ଫଳରେ ଉକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସେହିପରି ଲେବର ଟେନାମେଣ୍ଟରେ ମହାନଗର ନିଗମ ପକ୍ଷରୁ ଦୀର୍ଘ ବର୍ଷ ତଳେ ନିର୍ମିତ କମ୍ୟୁନିଟି ସେଣ୍ଟର ଅଞ୍ଚଳବାସୀଙ୍କ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆବଶ୍ୟକତା ପୂରଣ କରୁଥିବାରୁ ଏହାର ସମ୍ପ୍ରସାରଣ ସହ ଏକ ଡାଇନିଂ ହଲ୍ ନିର୍ମାଣ କରିବା ପାଇଁ ପ୍ରତିନିଧି ଦଳ କମିଶନରଙ୍କ ନିକଟରେ ଦାବି କରିଥିଲେ। ୱାର୍ଡ କଂଗ୍ରେସ ସଭାପତି ଚତୁର୍ଭୁଜ ସାମଲ, ଅଭିମନ୍ୟୁ ଦାସ, ଜିତେନ୍ଦ୍ର ଦାସ, ସିଦ୍ଧେଶ୍ୱର ମଲ୍ଲିକ, କାର୍ତ୍ତିକ ଚନ୍ଦ୍ର ବେହୁରିଆ, କଳିଙ୍ଗଶ୍ରୀ ସାହୁ, ଦେବବ୍ରତ ବିହାରୀ, ରାମାନନ୍ଦ ଶ୍ରୀଚନ୍ଦନ, ସୁଧୀର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଆରଏସ୍‌ପିର ସୁରକ୍ଷା କର୍ମଶାଳା

ରାଉରକେଲା ଅଫିସ,୧୯।୭

ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପ୍ରବନ୍ଧ ବିଭାଗ, କୋକ୍ ଓଭେନ, ସିଣ୍ଟରିଂ ପ୍ଲାଣ୍ଟ, ବ୍ଲାଷ୍ଟ ଫର୍ଣ୍ଣେସ ଓ କ୍ୟାପଟିଭ ପାୱାର ପ୍ଲାଣ୍ଟରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ପାଇଁ ଏକ ସୁରକ୍ଷା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ କାରଖାନାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୩୨୫ ଜଣ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ପୂର୍ଣ୍ଣ ବ୍ଲେଟ ଡ୍ରାଇଭିଂ ସିଷ୍ଟମ ଯାଞ୍ଚ କୌଶଳ ସହିତ କ୍ରଶର ଓ ସ୍କିନର ମାଧ୍ୟମରେ ସର୍ଭିସ ବଙ୍କରରେ କୋଇଲା, ଚୂନ ପଥର, ଲୁହାପଥର ଇତ୍ୟାଦି ଭର୍ତ୍ତି ବିଷୟରେ ସୁରକ୍ଷା ଓ ଦକ୍ଷତା ଉପରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କ ପାଇଁ ୨ଟି ଅଧିବେଶନ ଓ ଠିକା ଶ୍ରମିକମାନଙ୍କ ପାଇଁ ୪ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଏ. କେ. ପଣ୍ଡାଙ୍କ ନେତୃତ୍ୱରେ ସିନିୟର ମ୍ୟାନେଜର ବି. କେ. ପାଢ଼ୀ ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁ ପାଇଁ ଦିନଟିଏ

ସମ୍ବଲପୁର,୧୯।୭(ବ୍ୟୁରୋ)

ଜିଲାପାଳଙ୍କ ଏସଏସ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଶିଶୁ ପାଇଁ ଦିନଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ )ଅଜାମ୍ବର ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଆଶୀର୍ବାଦ ଯୋଜନା, କୋଭିଡ ସମୟରେ ଅର୍ଥାତ ୧ଏପ୍ରିଲ ୨୦୨୦ରୁ ୧୫ ସେପ୍ଟେମ୍ବର ୨୦୨୧ ମଧ୍ୟରେ ଯେଉଁ ଶିଶୁଙ୍କର ଉଭୟ ବାପା ମା କିମ୍ବା ଜଣେ ବାପା ଅଥବା ମା ଯଦି ମତ୍ୟୁବରଣ କରିଥାନ୍ତି ତେବେ ଏହି ଯୋଜନାରେ ସାମିଲ ହେଇପାରିବେ । ଯୋଜନାରେ ଶିଶୁମାନେ ପାଉଥିବା ସରକାରଙ୍କ ସୁବିଧା ସମ୍ପର୍କରେ ଅତିରିକ୍ତ ଜିଲାପାଳ ସମୀକ୍ଷା କରିଥିଲେ । ଯେପରି କୌଣସି ବି ଶିଶୁ ଏଥିରୁ ବଞ୍ଚିତ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଶୀର୍ବାଦ ଯୋଜନାରେ ସାମିଲ ଥିବା ଶିଶୁଙ୍କୁ କିଭଳି ଖାଦ୍ୟ ନିରାପତ୍ତା ଏବଂ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରାଯାଇପାରିବ ସେ ସଂକ୍ରାନ୍ତରେ ମଧ ଆଲୋଚନା କରାଯାଇଥିଲା । ବାଲ୍ୟବିବାହ ରୋକିବା ଉପରେ ମଧ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏ.ଇ.ଓ (ପ୍ରଶାସନିକ )ତନ୍ମୟ କୁମାର ଦରୱାନ, ସିଡ଼ିଏମଓ ଡ. ଅଶୋକ କୁମାର ଦାସ, ଡିଏସପି ଶ୍ରୀକାନ୍ତ କାନୁନ୍‌ଗୋ, ଡିଏସଡବ୍ଲୁ ଗୀତାଞ୍ଜଳି ମହାପାତ୍ର, ସିଡବ୍ଲୁସି ସଦସ୍ୟ ପି. ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲା ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ସାହୁ, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ, କୁଚିଣ୍ଡା ଏବଂ ସମ୍ବଲପୁର ଚାଇଲଡ ଲାଇନର ନିର୍ଦ୍ଦେଶକ ପ୍ରଦୀପ କୁମାର ମହାକୁଳ ଏବଂ ପ୍ରଦୀପ କୁମାର ବେହେରାଙ୍କ ସମେତ ସିଡିପିଓମାନେ ଉପସ୍ଥିତ ଥିଲେ ।

## ଦିବ୍ୟଦର୍ଶନ ଆଶ୍ରମରେ ରକ୍ତଦାନ ଶିବିର

ଝାରସୁଗୁଡା ଅଫିସ,୧୯।୭

ଝାରସୁଗୁଡା ଜିଲା ଲଇକେରା ବ୍ଲକ ଅଇତାପାଲିସ୍ଥିତ ଦିବ୍ୟଦର୍ଶନ ଆଶ୍ରମ ପ୍ରାଙ୍ଗଣରେ ଦିବ୍ୟ ଦର୍ଶନ ସଂଘ ପ୍ରତିଷ୍ଠାତା ସଦଗୁରୁ ଶ୍ରୀଶ୍ରୀ ଅର୍ଜୁନଙ୍କ ୯୦ତମ ଜୟନ୍ତୀ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ କମିଟି ସଦସ୍ୟ ଗୁରୁପ୍ରତିମ ରତ୍ନାକର ପ୍ରଧାନ ପୌରାହିତ୍ୟ କରି ଶିବିରର ଶୁଭାରମ୍ଭ କରିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ସୁରେଶ ଭାଇଙ୍କ ସହିତ ସଂଘ ସଭାପତି ରୁପାନନ୍ଦ ବେହେରା, ସମ୍ପାଦକ ରାଜକୁମାର ପଟେଲ, ଗ୍ରାମ୍ୟ କମିଟି ସଭାପତି ଦିନେଶ ନାଏକ, ବିରେନ୍ଦ୍ର ବେହେରା, ମନମୋହନ ଠାକୁର, ରଥିନ୍ଦ୍ର ପ୍ରଧାନ, ନରସିଂହ ମେହେର ପ୍ରମୁଖ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଝାରସୁଗୁଡ଼ା ବ୍ଲଡ଼ବ୍ୟାଙ୍କ କର୍ମକର୍ତ୍ତା ସିଲବନ୍ତି ଜୋଜୋ, କିରଣ କୁମାର ସାହୁ, ଜ୍ଞାନେଶ୍ୱର ପଟେଲ ଓ ଭବାନୀଶଙ୍କର ସୁନାନୀ ପ୍ରମୁଖ ରକ୍ତ ଶିବିରରେ ଉପସ୍ଥିତ ଥିଲେ । ଏଥିରେ ୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।



ଦିବ୍ୟଦର୍ଶନ ଆଶ୍ରମରେ ଆୟୋଜିତ ଶିବିରରେ ରକ୍ତଦାନ ଚାଲିଛି।

# ଖୁବ୍‌ଶୀଘ୍ର ଅତ୍ୟାଧୁନିକ କାର୍ଡିଆକ କେୟାର ହସ୍ପିଟାଲ

**କାର୍ଯ୍ୟ ଅନୁଧ୍ୟାନ ପାଇଁ ବିଶେଷଜ୍ଞ ଟିମ୍‌ର ଝାରସୁଗୁଡ଼ା ଗସ୍ତ**

ଝାରସୁଗୁଡା ଅଫିସ,୧୯।୭

ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରୁ ଶତାଧିକ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡାରେ ନିର୍ମାଣ ଚାଲିଛି ଅତ୍ୟାଧୁନିକ କାର୍ଡିଆକ କେୟାର ହସ୍ପିଟାଲ । ଏହାର ନିର୍ମାଣ କାମ ମଞ୍ଜିରା କନଷ୍ଟ୍ରକସନ ନେଇଥିବାବେଳେ ୯୫ପ୍ରତିଶତ କାମ ଶେଷ ହୋଇଛି । ଏହି ନିର୍ମାଣ କାମ କିଭଳି ହୋଇଛି ଏହାର ଅନୁଧ୍ୟାନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଅତିରିକ୍ତ ନିର୍ଦ୍ଦେଶକ (ଅଣସଂରକ୍ଷଣ ରୋଗ) ଡା. ସୁଶାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ୍ ଦିନିକିଆ ଝାରସୁଗୁଡା ଗସ୍ତରେ ଯାଇ ଫେରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ସ୍ୱାଇଁ, ପିଡବ୍ଲ୍ୟୁଡି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ଜିଲା ମୁଖ୍ୟ ଚିକିତ୍ସକ ଡ. ଦୋଲାମଣି ପଟେଲ, ମଞ୍ଜିରା କନଷ୍ଟ୍ରକସନର ସୁରେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡ. ସ୍ୱାଇଁ କହିଛନ୍ତି ବିଲ୍ଡିଂ ନିର୍ମାଣ କାମ ୯୫ ପ୍ରତିଶତ ସରିଯାଇଛି। ଆସନ୍ତା ଅଗଷ୍ଟ ୧ ତାରିଖରେ ହସ୍ପିଟାଲ ପରିଚାଳନା ଦାୟିତ୍ୱ ନେଇଥିବା ଆଦିତ୍ୟ କେୟାର ସଂସ୍ଥାକୁ ହସ୍ତାନ୍ତର କରାଯିବ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଏହି ନବନିର୍ମିତ ହସ୍ପିଟାଲ ଉଦ୍‌ଘାଟନ କରାଯିବ ବୋଲି ଅତିରିକ୍ତ ନିର୍ଦ୍ଦେଶକ ଡ. ସ୍ୱାଇଁ କହିଛନ୍ତି। ଏହି ଅତ୍ୟାଧୁନିକ ହସ୍ପିଟାଲରେ ଶହେ ଶଯ୍ୟା ଓ ୫୦ ଆଇସିୟୁ ବେଡ଼ର ସୁବିଧା ରହିବ। ଏଠାରେ ଏହି ହସ୍ପିଟାଲ ଖୋଲିବା ଫଳରେ ପଶ୍ଚିମ ଓଡ଼ିଶାର ଲୋକେ ଉପକୃତ ହେବେ। ଏଠାରେ ଭିଏସ୍‌ଏସ୍ ବିମାନ ବନ୍ଦର ରହିଥିବାରୁ ବହୁ କାର୍ଡିଓଲୋଜି ଡାକ୍ତରମାନେ ଏଠାକୁ ଆସି ଉତ୍ତମ ଚିକିତ୍ସା ଦେଇପାରିବେ। ଏହି ସୁବିଧାସୁଯୋଗ ବୁର୍ଲା ମେଡିକାଲ ମିଳିବ ନାହିଁ, ଯାହା ଏଠାରେ ମିଳିବ ବୋଲି ସେ କହିଛନ୍ତି।



ଝାରସୁଗୁଡ଼ାରେ ଅତ୍ୟାଧୁନିକ କାର୍ଡିଆକ କେୟାର ହସ୍ପିଟାଲ ନିର୍ମାଣ ନେଇ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

